# ବାଙ୍କେଶ୍ୱରୀ ଘାଟିରେ ଓଲଟିଲା ପିକ୍‌ଅପ୍

## ୧୨ ଆହତ, ୫ ଗୁରୁତର



ଦିଗପହଣ୍ଡି,୮ ।୩(ସମିସ): ଦିଗପହଣ୍ଡି ବ୍ଲକ ବି. ତୁରୁବୁଡ଼ି ପଞ୍ଚାୟତ ପିଲିକାଡ଼ିଅ ଗ୍ରାମ ନିକଟ କେରାଣ୍ଡି ମାଳ ପାହାଡ଼ ବାଙ୍କେଶ୍ୱରୀ ଘାଟି ରାସ୍ତାରେ ରବିବାର ପୂର୍ବାହ୍ନ ପ୍ରାୟ ୧୦ ଟାରେ ଏକ ପିକ୍‌ଅପ୍ ଭ୍ୟାନ (ନଂ. ଓଆର୦୭ ଟି -୪୧୫୭)ନିୟନ୍ତ୍ରଣ ହରାଇ ରାସ୍ତାକଡକୁ ଓଲଟି ପଡ଼ିବାରୁ ୧୨ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ୫ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଗୁରୁତର ମାନେ ହେଲେ ସାନଖେମୁଣ୍ଡି ବ୍ଲକ ପାଟପୁର ଥାନା ହରିଣା ଗ୍ରାମର ସୁବାସି ମହାଙ୍କୁଡ(୬୦), ଲକ୍ଷ୍ମୀ ମହାଙ୍କୁଡ(୫୦), ଶୁଭସ୍ମିତା ମହାଙ୍କୁଡ଼(୧୭), ସୁଦେଷ୍ଣା ଗୌଡ଼(୪୫) ଏବଂ ଧର୍ମପୁର ଗ୍ରାମର କୁନି ଗୌଡ଼(୫୦)। ସମସ୍ତ ଆହତ ମାନଙ୍କୁ ଅଗ୍ନିଶମ ବାହିନୀ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ୫ ଗୁରୁତରଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଆହତ ମାନଙ୍କ ପରିଚୟ ମିଳିପାରିନାହିଁ। ଧର୍ମପୁର ଗାଁର ଜଟିଆ ଗୌଡ଼ ତାଙ୍କ ପୁଅଙ୍କ ମୁଣ୍ଡନ ପୂଜା କାର୍ଯ୍ୟ ପାଇଁ କେରାଣ୍ଡିମାଳ ପର୍ବତ ଶିଖରରେ ପୂଜା ପାଉଥିବା ମା' ବାଙ୍କେଶ୍ୱରୀଙ୍କ ପୀଠକୁ ପରିବାର ଲୋକେ ବନ୍ଧୁବାନ୍ଧବଙ୍କ ସହ ଯାଇଥିଲେ। ସେଠାରେ ଅନୁଷ୍ଠିତ ହେଉଥିବା ଭୋଜିରେ ଯୋଗଦେବା ପାଇଁ ଜଟିଆଙ୍କ ବନ୍ଧୁ ବାନ୍ଧବ ପିକ୍‌ଅପ୍ ଭ୍ୟାନରେ ବସି ଯାଉଥିବା ବେଳେ ଚାଳକ ନିୟନ୍ତ୍ରଣ ହରାଇବାରୁ ଭ୍ୟାନଟି ରାସ୍ତାକଡକୁ ଓଲଟି ପଡ଼ିଥିଲା। ଚାଳକ ଭ୍ୟାନରୁ ଡେଇଁ ପଡ଼ିବାରୁ ସେ ଆହତ ହୋଇନଥିବା ଜଣାପଡ଼ିଛି। ଖବରପାଇ ସାମାଜିକ କର୍ମୀ ଇଂ.ଉତ୍ତମ କୁମାର ପାଣିଗ୍ରାହୀଙ୍କ ସମେତ ଆହତ ମାନଙ୍କ ସମ୍ପର୍କୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଚିକିତ୍ସା ବ୍ୟବସ୍ଥା ତଦାରଖ କରିଥିଲେ। ପୁଲିସ ଟିମ୍ ଦୁର୍ଘଟଣାସ୍ଥଳରେ ପହଞ୍ଚି ଭ୍ୟାନକୁ ଜବତ କରିଛନ୍ତି।

### ଟ୍ରାକ୍ଟର ଧକ୍କାରେ ଦିବ୍ୟାଙ୍ଗ ଯୁବକ ମୃତ

# କ୍ଷତିପୂରଣ ଦାବିରେ ଅଞ୍ଚଳବାସୀଙ୍କ ରାସ୍ତାରୋକ



କବିସୂର୍ଯ୍ୟନଗର,୮ ।୩(ସମିସ): କବିସୂର୍ଯ୍ୟନଗର ପଥରା ଠାରେ ରବିବାର ସକାଳେ ଏକ ନମ୍ବର ବିହୀନ ଟ୍ରାକ୍ଟର ଧକ୍କାରେ ଜଣେ ଦିବ୍ୟାଙ୍ଗ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କବିସୂର୍ଯ୍ୟନଗର ସାନଚଡ଼ିଆପଡ଼ା ଛକରେ ରହୁଥିବା ମୁନା ଜେନା(୪୫)। ପୂର୍ବରୁ ଟ୍ରେନ୍ ଦୁର୍ଘଟଣାରେ ମୁନାଙ୍କ ଦୁଇ ଗୋଡ଼ କଟିଯାଇଥିଲା। ତେଣୁ ସେ ଟ୍ରାଇସାଇକେଲରେ ପରିବା ବିକ୍ରି କରୁଥିଲେ। ସବୁଦିନ ଭଳି ରବିବାର ମଧ୍ୟ ସେ ପରିବା ପାଇଁ ଯାଉଥିଲେ। ଏତିକିବେଳେ କବିସୂର୍ଯ୍ୟନଗର ଆଡୁ ଏକ ଟ୍ରାକ୍ଟର ଆସି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଘଟଣା ପରେ ଟ୍ରାକ୍ଟର ଚାଳକ ଫେରାର ହୋଇଯାଇଥିଲେ। ଅପରପକ୍ଷେ ଘଟଣା ପରେ ଉତ୍ତ୍ୟକ୍ତ ଲୋକେ କ୍ଷତିପୂରଣ ଦାବିରେ ରାସ୍ତାରୋକ କରିଥିଲେ। ପୁଲିସ, ପ୍ରଶାସନ ଅଧିକାରୀ ପହଞ୍ଚି ଆନ୍ଦୋଳନକାରିଙ୍କୁ ବୁଝାସୁଝା କରିବା ପରେ ରାସ୍ତାରୋକ୍ ହଟିଥିଲା। ରବିବାର, ଶନିବାର ସରକାରୀ କଳକୁ ଚକମା ଦେଖାଇ ବେନିୟମ ମାଟି ଚାଲାଣ କରାଯାଉଛି। ଏପରିକି ବହୁ ନମ୍ବରବିହୀନ ଟ୍ରାକ୍ଟର ଚାଲୁଥିଲା ବେଳେ ପ୍ରଶାସନ ହାତ ବାନ୍ଧି ବସିଥିବା ଦେଖିବାକୁ ମିଳୁଛି। ତେଣୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ସାପ କାମୁଡ଼ାରେ ୧୮ ମାସର ଶିଶୁକନ୍ୟା ମୃତ

ସାନଖେମୁଣ୍ଡି,୮ ।୩(ସମିସ): ପାଟପୁର ଥାନା ଗୌତମୀ ପଞ୍ଚାୟତ ଦେଉଳପେଡ଼ି ଗ୍ରାମରେ ସାପ କାମୁଡାରେ ଜଣେ ୧୮ ମାସର ଶିଶୁକନ୍ୟାର ମୃତ୍ୟୁ ଘଟିଛି। ମୃତକ ଗ୍ରାମର ଭରତ ବେହେରାଙ୍କ ୧୮ ମାସର ଶିଶୁ କନ୍ୟା ରିୟାଶିଂ ବେହେରା। ସୂଚନା ମୁତାବକ ରିୟାଶିଂ ଘର ଦାଣ୍ଡରେ ଖେଳୁଥିବାବେଳେ ସାପ କାମୁଡି ଦେବାରୁ ଚିତ୍କାର କରିଥିଲା। ପାଟିଶୁଣି ପରିବାର ଲୋକେ ଦିଗପହଣ୍ଡି ମେଡିକାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ଭରତ ପାଟପୁର ଥାନାରେ ଅଭିଯୋଗ କରିଥିବାବେଳେ ଥାନା ଅଧିକାରୀ ଦୀପ୍ତି ରଞ୍ଜନ ବେହେରା ଅପମୃତ ମାମଲା (ନଂ.୫/୨୬)ରେ ରୁଜୁକରି ତଦନ୍ତ ଚଳାଇଛନ୍ତି।

## ବଡ଼ନଦୀରେ ବୁଡ଼ି ବୃଦ୍ଧା ମୃତ

ଆସିକା,୮ ।୩(ସମିସ): ଆସିକା ବ୍ଲକ ଅନ୍ତର୍ଗତ ସିଦ୍ଧନଈ ପଞ୍ଚାୟତର ମହାରାଜପୁର ଗାଁର ବୃଦ୍ଧା ସରସ୍ୱତୀ ନାୟକ ଗାଁ ନିକଟସ୍ଥ ବଡ଼ନଦୀକୁ ଶୌଚ ହେବାକୁ ଯାଇଥିବା ବେଳେ ଗୋଡ଼ ଖସି ମୃତ୍ୟୁ ଘଟିଛି। ରବିବାର ଅପରାହ୍ନରେ ସେ ପ୍ରତିଦିନ ଭଳି ଗାଧୋଇବାକୁ ଯାଇଥିବା ବେଳେ ଗୋଡ଼ ଖସି ନଦୀରେ ବୁଡ଼ି ଯାଇଥିଲେ। ଗ୍ରାମବାସୀ ଉଦ୍ଧାର କରି ଆସିକା ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

### ● ମହିଳା ଦିବସରେ ଚମକିଲେ କୁନି ଝିଅ

## ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସରେ ସାନ୍‌ଭିକା




ଧରାକୋଟ,୮ ।୩(ସମିସ): ଆଶ୍ଚର୍ଯ୍ୟ ହେଲେବି ସତ। ୩ବର୍ଷ ବୟସରେ ବିରଳ ପ୍ରତିଭାର ଅଧିକାରୀ ହୋଇପାରିଛନ୍ତି ଧରାକୋଟ ମଝିସାହିର ଶ୍ରଦ୍ଧାଞ୍ଜଳି ମହାନ୍ତି ଓ ରଞ୍ଜନ କୁମାର ଦାସଙ୍କ ଝିଅ ସାନଭିକା ଦାସ। ୧୦ ଫେବୃଆରୀ ୨୦୨୩ରେ ଜନ୍ମଗ୍ରହଣ କରିଥିବା ସାନଭିକା ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ନିଜକୁ ସାମିଲ କରିପାରିଛନ୍ତି। ସାନ୍‌ଭିକା ୧୩ଟି ଯାନବାହନ, ୨୩ଟି ପନିପରିବା, ୧୨ଟି ପଶୁ, ୧୬ଟି ପକ୍ଷୀ, ୧୯ଟି ଫଳ, ୧୨ଟି ରଙ୍ଗ, ୨୦ଟି ଆକୃତି, ୧୩ଟି ଗଣିତ ସଂକେତ, ୨୩ଟି ଶରୀରର ଅଙ୍ଗପ୍ରତ୍ୟଙ୍ଗ, ୧୨ ଦେବାଦେବୀ, ୧୪ ଟି ବିପରୀତ ବୋଧକ ଶବ୍ଦ, ୧୨ଟି ଜୀବିକା, ୨୬ଟି ଇଂରାଜୀ ଅକ୍ଷର, ୮ ଟି ଗ୍ରହ, ୭ ଦିନ, ୧୨ ମାସ, ୧୪ଟି ପାରିବାରିକ ସମ୍ବନ୍ଧ ଥିବା ଶବ୍ଦ ଓ ୨୦ପର୍ଯ୍ୟନ୍ତ ସଂଖ୍ୟା ସୀମିତ ସମୟରେ କହି ଆଇବିଆର ଦ୍ୱାରା ପୁରସ୍କାର ପାଇଁ ସେ ମନୋନୀତ ହୋଇଥିଲେ। ଗତ ଫେବୃଆରୀ ୬ ଦିନ ଆଇବିଆରର ମୁଖ୍ୟ ସମ୍ପାଦକ ବି ଆର ଚୌଧୁରୀଙ୍କ ଦ୍ୱାରା ପୁରସ୍କୃତ ହୋଇଛନ୍ତି।

### ● ଗ୍ରାମ୍ୟ ଜଳ ଯୋଗାଣ ବିଭାଗର ଅପାରଗତା

## ଆରମ୍ଭ ହେଲା ପଞ୍ଚୁଦୋଳଯାତ୍ରା; ପଡ଼ିଆରେ ଅବ୍ୟବସ୍ଥା

ଗଞ୍ଜାମ,୮ ।୩(ସମିସ): ଗଞ୍ଜାମ ଐତିହାସିକ ଦୋଳ ପୂର୍ଣ୍ଣମୀ ଯାତ୍ରାର ସମାପନ ହେବାର ପାଞ୍ଚ ଦିନରେ ଆରମ୍ଭ ହୋଇଛି ହୁମ୍ମା ଅଞ୍ଚଳରେ ପ୍ରସିଦ୍ଧ ପଞ୍ଚୁଦୋଳ ଯାତ୍ରା। ପ୍ରତିବର୍ଷ ଭଳି ହୁମ୍ମା ହାଟ ପଡ଼ିଆରେ ଏହି ଯାତ୍ରା ଅନୁଷ୍ଠିତ ହେଉଥିବାବେଳେ ଶନିବାର ସାହି ଯାତ୍ରା ଅନୁଷ୍ଠିତ ହୋଇଥିଲା। ରବିବାର ହୁମ୍ମା ହାଟ ପଡିଆରେ ଠାକୁରଙ୍କ ମେଲଣ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ହଜାର ହାଜାର ଲୋକଙ୍କ ଜନ ସମାଗମ ହେଉଛି। ହେଲେ ଗ୍ରାମ୍ୟ ଉନ୍ନୟନ ଓ ଜଳ ଯୋଗାଣ ବିଭାଗ ଯାତ୍ରା ପଡିଆରେ କିମ୍ବା ବିଭିନ୍ନ ସାହି ଗୁଡ଼ିକରେ ଏଯାବତ୍ ବ୍ଲିଚିଂ ପାଉଡର ଟିକେ ପକାଇ ନଥିବା ହୁମ୍ମା ପଞ୍ଚାୟତ ସମିତି ସଭ୍ୟ ଧ୍ରୁବ ଚରଣ ପଲାଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଯାତ୍ରା ପଡିଆକୁ ହୁମ୍ମା ଗ୍ରାମର ବିଭିନ୍ନ ସାହି ସହିତ କଣ୍ଟିଆ ଗଡ଼, ଖଟୁଆ କୁଦା, ଝାଡ଼କୁଦା, କଳାଯମୁନା, ଲୁଂଘୁରି, ଗଡ଼ ହୁମା, ବେଳପଡା ଆଦି ଗ୍ରାମର ଠାକୁର ବିଜେ କରିବା ପରେ ଯାତ୍ରା ଆରମ୍ଭ ହୋଇଛି। ହଜାର ହଜାର ଲୋକଙ୍କ ସମାଗମ ହେବ କିନ୍ତୁ ଗ୍ରାମ୍ୟ ଜଳ ଯୋଗାଣ ବିଭାଗର ଏପରି ବେପରୁଆ ନୀତିରୁ ଯାତ୍ରା ପ୍ରଭାବିତ ହୋଇଥିବା ସମିତି ସଭ୍ୟ ଶ୍ରୀ ପଲାଇ କହିଛନ୍ତି। ଏଥିସହ ପାନୀୟ ଜଳ ଯୋଗାଣରେ ମଧ ଉକ୍ତ ବିଭାଗ ଫେଲ ମାରିଥିବା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। କନିଷ୍ଠ ଯନ୍ତ୍ରୀ ଜନପ୍ରତିନିଧିଙ୍କ ଅଭିଯୋଗକୁ କର୍ଣ୍ଣପାତ କରୁନାହାନ୍ତି ନଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

### ମାଙ୍କଡ଼ ଉପଦ୍ରବରେ ଅତିଷ୍ଠ ଗ୍ରାମବାସୀ

# ବନ ବିଭାଗର ନିଷ୍କ୍ରିୟତା ବିରୋଧରେ ରାସ୍ତାରୋକ



ଛତ୍ରପୁର,୮ ।୩(ସମିସ): ଛତ୍ରପୁର ଉପକଣ୍ଠ ବିରିପୁର ଅଞ୍ଚଳରେ ମାଙ୍କଡ଼ଙ୍କ ପ୍ରାଦୁର୍ଭାବ ଅସହ୍ୟ ହେବାରୁ ଶେଷରେ ଗ୍ରାମବାସୀ ରାସ୍ତାକୁ ଓହ୍ଲାଇଛନ୍ତି। ଦୀର୍ଘଦିନ ଧରି ମାଙ୍କଡ଼ମାନେ ଘର ମଧ୍ୟରେ ପଶି ଛୋଟପିଲା, ମହିଳା ଓ ବୃଦ୍ଧଙ୍କୁ ଆକ୍ରମଣ କରୁଥିବା ଅଭିଯୋଗ ହୋଇଛି। ଏପରିକି ଗ୍ରାମର ୨୦ ରୁ ଊର୍ଦ୍ଧ୍ୱ ଲୋକଙ୍କୁ କାମୁଡିଛି ମାଙ୍କଡ। ବାରମ୍ବାର ବନ ବିଭାଗ ଜଣାଇବା ସତ୍ତ୍ୱେ କୌଣସି ସୁଫଳ ନମିଳିବାରୁ ଆଜି ଶତାଧିକ ଗ୍ରାମବାସୀ ରାସ୍ତା ଅବରୋଧ କରିଛନ୍ତି। ରାସ୍ତା ଉପରେ ଟାୟାର ଜଳି ଦୀର୍ଘସମୟ ପର୍ଯ୍ୟନ୍ତ ରାସ୍ତା ରୋକ କରିଥିଲେ। ଫଳରେ ମାଧପୁର ଠାରୁ ଛତ୍ରପୁରକୁ ସଂଯୋଗ କରୁଥିବା ରାସ୍ତା ଯାତାୟତ ଠପ୍ ହୋଇଥିଲା। ଖବର ପାଇ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଗଞ୍ଜାମ ବ୍ଲକର ପୂର୍ବତନ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକ ଏବଂ ସ୍ଥାନୀୟ ସରପଞ୍ଚ ପହଞ୍ଚି ଲୋକଙ୍କୁ ବୁଝାଇଥିଲେ। ତୁରନ୍ତ ଘଟଣା ସମ୍ପର୍କରେ ବିଧାୟକ ଶ୍ରୀ ନାୟକ ବ୍ରହ୍ମପୁର ଡିଏଫ୍‌ଓଙ୍କୁ ଅବଗତ କରାଇଥିଲେ। ଏପରିକି ମାଙ୍କଡ଼ ଧରିବା ନିମନ୍ତେ ଛତ୍ରପୁର ବନବିଭାଗର ଏକ ଟିମ୍ ପହଞ୍ଚିବ ବୋଲି ବନ ଅଧିକାରୀ କହିବା ପରେ ରାସ୍ତାରୋକ ହଟିଥିଲା।

# ବାପା ବେକକୁ ବ୍ଲେଡ୍‌ରେ କାଟିଦେଲା ପୁଅ

ଦିଗପହଣ୍ଡି,୮ ।୩(ସମିସ): ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ଗ୍ରାମରେ ରବିବାର ଅପରାହ୍ନ ପ୍ରାୟ ୧ଟାରେ ଏକ ଅଭାବନୀୟ ଘଟଣା ଘଟିଛି। ପାରିବାରିକ ହିଂସା କାରଣରୁ ପୋଷ୍ୟପୁଅ କୁନା ସାହୁ ବୃଦ୍ଧ ବାପା ସୀମାଞ୍ଚଳ ସାହୁ(୮୦)ଙ୍କୁ ଆକ୍ରମଣ କରିବା ସହ ବେକକୁ ବ୍ଲେଡ଼ ଦ୍ୱାରା କାଟି ଦେଇଥିଲେ। ଖବରପାଇ ଦିଗପହଣ୍ଡି ଥାନା ଆଇଆଇସି କିଶୋର କୁମାର ସାମଲ ସଦଳବଳ ସୀମାଞ୍ଚଳଙ୍କ ଘରେ ପହଞ୍ଚି ତାଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏନେଇ ଥାନାରେ ଏତଲା ଦିଆଯାଇଛି। ସୀମାଞ୍ଚଳ ନିଃସନ୍ତାନ ଥିବାରୁ ଜକର ଗ୍ରାମରେ ରହୁଥିବା ତାଙ୍କ ସଢୁଙ୍କ ପୁଅ କୁନାଙ୍କୁ ପୋଷ୍ୟପୁଅ ଭାବେ ଆଣି ଘରେ ରଖିଥିଲେ। ଉଭୟ ବାପ-ପୁଅ ଜଳଖିଆ ହୋଟେଲ କରିଥିଲେ। କୁନା ଏବଂ ତାଙ୍କ ଭାଇ ସୀମାଞ୍ଚଳଙ୍କ ଠାରୁ ପ୍ରାୟ ୩୦ ହଜାର ଟଙ୍କା ନେଇଥିଲେ। ଟଙ୍କା ନ ଫେରାଇବାରୁ କୁନା ଓ ସୀମାଞ୍ଚଳଙ୍କ ମଧ୍ୟରେ ବଚସା ହୋଇଥିଲା। କୁନା ଉତ୍ତେଜିତ ହୋଇ ବାପାଙ୍କ ବେକକୁ କାଟି ଦେଇଥିବା ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

### ୟୁରୋ ସ୍କୁଲର 'ଆରୋହଣ' ୭ମ ବାର୍ଷିକୋତ୍ସବ

# ଭିତ୍ତିଭୂମି ଓ ଶିକ୍ଷଣ ପଦ୍ଧତିକୁ ଅତିଥିଙ୍କ ପ୍ରଶଂସା






ଛତ୍ରପୁର,୮ ।୩(ସମିସ): ଛତ୍ରପୁର ସହରର ୟୁରୋ ସ୍କୁଲର ସପ୍ତମ ବାର୍ଷିକୋତ୍ସବ "ଆରୋହଣ' ଅନୁଷ୍ଠାନର ଅଧ୍ୟକ୍ଷ ରଞ୍ଜନ ମହାପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଶକ୍ତି-ଏନ୍-ଏଜୁକେସନ୍ ଆଣ୍ଡ ଚାରିଟେବୁଲ୍ ଟ୍ରଷ୍ଟର ପ୍ରତିଷ୍ଠାତା ସୌଦାମିନୀ ମହାପାତ୍ର ଓ ଭାସ୍କର ମହପାତ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ୨୦୧୮ ରେ ଛତ୍ରପୁର ସହରରେ ଖୋଲିଥିବା ଏଭଳି ଏକ ଅନ୍ତର୍ଜାତୀୟସ୍ତରର ଅନୁଷ୍ଠାନ ଦ୍ୱାରା ପରିଚାଳିତ ୟୁରୋ ସ୍କୁଲରେ ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ସହ ସେମାନଙ୍କ ମାନସିକ ଓ ଶାରୀରିକ ବିକାଶରେ ବି ସହାୟକ ହୋଇପାରିଛି। ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ଅଭିଭାବକ ତଥା ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ୍ ଶକ୍ତି-ଏନ୍-ଏଜୁକେସନ୍ ଆଣ୍ଡ ଚାରିଟେବୁଲ୍ ଟ୍ରଷ୍ଟ ଦ୍ୱାରା ପରିଚାଳିତ ଏହି ଶିକ୍ଷାନୁଷ୍ଠାନ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ଏବଂ ଯୁଗୋପଯୋଗୀ ଶିକ୍ଷା ପ୍ରାଦନ କ୍ଷେତ୍ରରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ତିଆରି କରିଥିବା ବେଳେ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ବେଶ୍ ଉତ୍ସାହିତ ହୋଇଥିବା ସହିତ ସ୍କୁଲ୍ ମ୍ୟାନେଜମେଣ୍ଟକୁ କୃତଜ୍ଞତା ଜଣାଇଛନ୍ତି। ଅନ୍ୟତମ ସମ୍ମାନିତ ଅତିଥି ଅଭିଭାବକ ତଥା ଗଞ୍ଜାମ ଏସ୍‌ପି. ଶୁଭେନ୍ଦୁ କୁମାର ପାତ୍ର କହିଛନ୍ତି, ସିବିଏସଇ ସ୍ୱୀକୃତିପ୍ରାପ୍ତ ଦ୍ୱାଦଶ ବିଜ୍ଞାନ ପାଠ୍ୟକ୍ରମ ଆରମ୍ଭ ହୋଇଥିବା ଛତ୍ରପୁର ସହରର ପ୍ରଥମ ଶିକ୍ଷାନୁଷ୍ଠାନ ଏହି ବିଦ୍ୟାଳୟ ଗୌରବ ହାସଲ କରିଥିବା ବେଳେ ଯୁକ୍ତଦୁଇ ବିଜ୍ଞାନ ପାଠ୍ୟକ୍ରମ ସହିତ ଜେଇ ଓ ନିଟ୍ ପାଠ୍ୟକ୍ରମ ପାଇଁ ସୁବିଧା ଉପଲବ୍ଧ ରହିଛି।

ସ୍ୱତନ୍ତ୍ର ଅତିଥି ଭାବେ ଘୁମୁସର ଭଞ୍ଜନଗର ଡ଼ିଏଫଓ ବିପଶା ପାରଲୋ ଏବଂ ଜିଲ୍ଲାପାଳଙ୍କ ପତ୍ନୀ ତଥା ଅଭିଭାବକ ପବିତ୍ରା ଅନୁଷ୍ଠାନର ଏକାଡେମୀ ନିର୍ଦ୍ଦେଶକ ପି.କେ. ମିଶ୍ର ବାର୍ଷିକ ବିବରଣୀରେ ୨୦୧୮ ମସିହାରୁ ଏହି ଅନୁଷ୍ଠାନ ଆରମ୍ଭ ହୋଇଥିଲା। କରୋନା ମହାମାରୀ ବେଳେ ଅନଲାଇନ୍ ମାଧ୍ୟମରେ ଶିକ୍ଷାଦାନ କ୍ଷେତ୍ରରେ ଏହି ଅନୁଷ୍ଠାନ କାଇଟସ୍ ପ୍ରଡକ୍ସନ୍ ସଂସ୍ଥା ପକ୍ଷରୁ "ଏସିଆନ୍ ଏଜୁକେସନ୍-୨୦୨୦' ସମ୍ମାନରେ ସମ୍ମାନିତ ହୋଇଛି। ପ୍ରିନ୍ସପାଲ ତପସ୍ୱିନୀ ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅନୁଷ୍ଠାନର ପ୍ରଥମ ଶ୍ରେଣୀଠୁ ଏକାଦଶ ଶ୍ରେଣୀର ପର୍ଯ୍ୟନ୍ତ ପ୍ରତ୍ୟେକ ଶ୍ରେଣୀର ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହିଥିବା ଟପ୍ପରମାନଙ୍କୁ ପୁରସ୍କୃତ କରାଯାଇଥିଲା।

ସେହିପରି ସର୍ବଭାରତସ୍ତରରେ ସିଲଭର ଜୋନ୍ ଅଲମ୍ପିଆଡ୍ ପରୀକ୍ଷାରେ ଅନୁଷ୍ଠାନର ତୃତୀୟ ଶ୍ରେଣୀ ଛାତ୍ରୀ ନ୍ୟାସା ପଟ୍ଟନାୟକ ପ୍ରଥମ ହୋଇଥିବାରୁ ତାଙ୍କୁ ମଧ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ପୃଷ୍ଠପୋଷକ ସସ୍ମିତା ମହାପାତ୍ର ପରିଚାଳନା କରିଥିଲେ। କଣ୍ଠଶିଳ୍ପୀ ଗଣେଶ ପଟ୍ଟନାୟକଙ୍କ ଟ୍ରୁପ୍ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବା ବେଳେ ଓଡ଼ିଆ ଚଳଚିତ୍ରର ହାସ୍ୟ ଅଭିନେତା "ବ୍ଲାକ୍ ରବି' ହସାଇଥିଲେ ଏବଂ ଓଡିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ଆଶୁତୋଷ ମହାନ୍ତି, ଅଭିନେତ୍ରୀ ଶୀତଲ ପାତ୍ରଙ୍କ ଅଭିନୟ ଯାଦୁରେ ଝୁମିଥିଲେ ଅଭିଭାବକ ଏବଂ ବିଦ୍ୟାର୍ଥୀ। ଏହାସହିତ ଅର୍ପିତା ପଣ୍ଡାଙ୍କ ସଂଗୀତରେ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ବେଶ୍ ମଜା ଉଠାଇଥିଲେ। ଅନୁଷ୍ଠାନର ନୃତ୍ୟ ଶିକ୍ଷକ ପୂର୍ଣ୍ଣଞ୍ଜୟ ଜେନାଙ୍କ ନିର୍ଦ୍ଦେଶନାରେ ଅନୁଷ୍ଠାନର ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷକଶିକ୍ଷୟିତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ନୃତ୍ୟ ପରିବେଷଣ ହୋଇଥିଲା।

# ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ମହିଳା ଦିବସ

## 'ସୁଭଦ୍ରା' ଯୋଜନାର ଚତୁର୍ଥ କିସ୍ତି ପ୍ରଦାନ



ଛତ୍ରପୁର,୮ ।୩(ସମିସ): ଆଜି ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ "ସୁଭଦ୍ରା' ଯୋଜନାର ଚତୁର୍ଥ କିସ୍ତିର ଆର୍ଥିକ ସହାୟତା ପ୍ରଦାନ କାର୍ଯ୍ୟକ୍ରମ ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ମାର୍ଗଦର୍ଶନରେ ସ୍ଥାନୀୟ ଋଷିକୁଲ୍ୟା ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲ୍ଲାର ୯୧୨୪୦୮ ଜଣ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ୪୫୬ କୋଟି ୨୦ ଲକ୍ଷ ୪୦ ହଜାର ଟଙ୍କା ସୁଭଦ୍ରାର ଚତୁର୍ଥ କିସ୍ତି ବାବଦରେ ପ୍ରଦାନ କରାଯାଇଛି। ଏହାର ସୁଫଳ ନେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଜୟ କୁମାର ବେହେରା, ସମାଜ ମଙ୍ଗଳ ଅଧିକାରୀ ପାର୍ବତୀ ସୋରେନ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନଙ୍କ ସମେତ ବିଭାଗୀୟ ଅଧିକାରୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଅଙ୍ଗନବାଡି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ମହିଳା ଓ ବାଳିକାମାନେ ଉପସ୍ଥିତ ଥିଲେ। ୟୁନିସେଫ୍‌ର ଜିଲ୍ଲା ସଂଯୋଜନା ଦେବବ୍ରତ ମାହୁନ୍ତ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲାରେ ଶିଶୁ ବିକାଶ ଓ ପୋଷଣ କାର୍ଯ୍ୟକ୍ରମକୁ ସୁଦୃଢ଼ କରିବା ସହ ପୋଷଣ ଅଭିଯାନ (୨୦୨୫-୨୬) ଅଧୀନରେ ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା ପାଇଁ ଅନେକ କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କୁ ସମ୍ମାନିତ କରାଯିବା ସହ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା।

**ବେଲଗୁଣ୍ଠା:** ଗାଙ୍ଗପୁର ଥାନା ଅନ୍ତର୍ଗତ ମାଳତୀ ଗ୍ରାମର ଐତିହାସିକ ଦେବୀପୀଠ ମାଆ ରନ୍ଢେଇ ମନ୍ଦିର ପ୍ରାଙ୍ଗଣରେ ଓଡ଼ିଶା ଆଜାଦ୍ ହିନ୍ଦ୍ ଫୌଜ ସଂଘ ତରଫରୁ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ବରିଷ୍ଠ ସଦସ୍ୟା ସୁବାସିନୀ ମହାରଣାଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ରୂପେ ଓଡ଼ିଶା ଆଜାଦ୍ ହିନ୍ଦ୍ ଫୌଜ ସଂଘ ସଭାପତି ପୀତବାସ ବିଶ୍ୱାଳ, ବେଲଗୁଣ୍ଠା ପ୍ରେସକ୍ଲବ ସଭାପତି ପ୍ରଦ୍ୟୁମ୍ନ ପାତ୍ର, ଉପସଭାପତି ପ୍ରଭାତ କୁମାର ସାହୁ, ବରିଷ୍ଠ ସାମ୍ବାଦିକ ସୂର୍ଯ୍ୟନାରାୟଣ ତ୍ରିପାଠୀ, ବଂଶୀଧର ଗୌଡ଼, ଯୁବ ସାମ୍ବାଦିକ ଶିବରାମ ଚୌଧୂରୀ, ବରିଷ୍ଠ ଶିକ୍ଷାବିତ୍ ସନ୍ତୋଷ କୁମାର ବିଷୋୟୀ, ଅବସରପ୍ରାପ୍ତ ଶିକ୍ଷକ ବାଳକୃଷ୍ଣ ସାବତ, ପ୍ରଧାନ ଶିକ୍ଷକ ଶିଶିର କୁମାର ସ୍ୱାଇଁ, ଆଜାଦ୍ ହିନ୍ଦ୍ ଫୌଜ ସଂଘ ସଦସ୍ୟ ରମା ବଲ୍ଲଭ ବେହେରା, ମୋଚିରାମ ବେହେରା, ବିପ୍ର ଚରଣ ସାହୁ, ସୁରେନ୍ଦ୍ର ବେହେରା, ଗୁରୁଦେବ ପ୍ରଧାନ, ପ୍ରଭାସିନୀ ମହାରଣା, ସନ୍ଧ୍ୟା ମହାରଣା ପ୍ରମୁଖ ଉପସ୍ଥିତ ରହି ମହିଳା ସଶକ୍ତିକରଣ ଉପରେ ଆଲୋଚନା କରାଯାଇଥିଲା।

**ଆସିକା:** ପ୍ରଜାପିତା ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ସ୍ଥାନୀୟ ସେବା କେନ୍ଦ୍ର ଶାନ୍ତି ଶକ୍ତି ଭବନର ସଭାଗୃହରେ ମହିଳା ଦିବସ ପାଳିତ ହୋଇଯାଇଛି। ରାଜଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଆସିକା ତହସିଲଦାର ସଂଗୀତା ସେନ୍ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଆଇସିଡିଏସ୍ .ସୁପରଭାଇଜର ଦୀପ୍ତି ଧୋବ ଓ ରଞ୍ଜୁକ୍ତା ସ୍ୱାଇଁ ଯୋଗଦେଇଥିଲେ। ବ୍ରହ୍ମାକୁମାରୀ ସୁଜ୍ଞାନୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବ୍ରହ୍ମାକୁମାରୀ ନିରୂପ୍ରଭା ଇଶ୍ୱରୀୟ ବିଶ୍ୱବିଦ୍ୟାଳୟର ସଂକ୍ଷିପ୍ତ ପରିଚୟ ପ୍ରଦାନ କରିଥିଲେ।

**କୋଦଳା:** ସ୍ଥାନୀୟ ଲକ୍ଷ୍ମୀନାରାୟଣ ସ୍ନାତକ ମହାବିଦ୍ୟାଳୟରେ କୋଦଳା ତାଲୁକା ଆଇନ ସେବା କମିଟି ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। କୋଦଳା ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ବିଶ୍ୱରଞ୍ଜନ ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବରିଷ୍ଠ ଦେୱାନୀ ବିଚାରପତି ରେଖାରାଣୀ ପଣ୍ଡା ଆନ୍ତର୍ଜାତିୟ ମହିଳା ଦିବସର ତାତ୍ପର୍ଯ୍ୟ ଉପରେ ଏକ ସଚେତନତା ବାର୍ତ୍ତା ଦେଇଥିଲେ। ଭାରପ୍ରାପ୍ତ ଅଧ୍ୟକ୍ଷା ରଞ୍ଜୁବାଳା ନନ୍ଦ, ଲକ୍ଷ୍ମୀନାରାୟଣ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ପଞ୍ଚାନନ ଦାସ, ବରିଷ୍ଠ ଆଇନଜୀବୀ କୋଦଳା କୋର୍ଟ ପ୍ରଫୁଲ୍ଲ କୁମାର ମିଶ୍ର, ସୁବାଷ ଚନ୍ଦ୍ର ସାହୁ, ଯୁଗ୍ମ ସମ୍ପାଦକ କୋଦଳା ବାର ଭାସ୍କର ସ୍ୱାଇଁ, ଆଇନଜୀବୀ ଜମିର ଅଲ୍ଲୀ ଖାନ, ନୀଳମଣି ପଣ୍ଡା, ସନ୍ନ୍ୟାସୀ ସାହୁ, ନୀଳାଞ୍ଚଳ ପଲାଇ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ଇତିହାସ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ତରାଇ ମହିଳା ମାନଙ୍କର ସ୍ୱାଧୀନତା ଉପରେ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ, ଏକାଡେମିକ ବର୍ଷର ଅଧ୍ୟାପକ ବିନୋଦ କୁମାର ମିଶ୍ର, ଅଧ୍ୟାପକ ସପନ କୁମାର ଦାଶ, ଯୁବ ରେଡକ୍ରସ ସଂଯୋଜକ ରତ୍ନାକର ପ୍ରଧାନ, ଜାତୀୟ ସେବା ଯୋଜନା ଅଧିକାରୀ ଡ଼କ୍ଟର ପ୍ରଦୀପ କୁମାର ପଣ୍ଡା ଓ ସାଗରିକା ଦାଶ ଯୋଗ ଦେଇଥିଲେ।

● ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

## ହତ୍ୟା ଅଭିଯୋଗରେ ସ୍ୱାମୀ ଗିରଫ

ବ୍ରହ୍ମପୁର, ୮ ।୩(ସମିସ): ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ଲାଠି ବାଉରି ସାହିରେ ଜଣେ ବିବାହିତାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି । ସେ ହେଲେ ଗୋଳନ୍ଥରା ଥାନା ଚାନ୍ଦପୁର ଗ୍ରାମର ବାସନ୍ତୀ ଦାସଙ୍କ ଝିଅ ସୋନାଲି ଦାସ(୨୫) । ଅଧିକ ଯୌତୁକ ଦାବିରେ ସୋନିଲିଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିବା ପରେ ପୁଲିସ ମୃତ ସୋନିଲଙ୍କ ସ୍ୱାମୀ ସିମ୍ପଲ ଦାସ ଓରଫ ସିପୁନ(୨୫)କୁ ଗିରଫ କରି ଆଜି କୋର୍ଟଚାଲାଣ କରିଛି ।



ସୂଚନା ଅନୁସାରେ, ଅଢ଼େଇ ବର୍ଷ ତଳେ ସିପୁନ ସୋନାଲିଙ୍କୁ ପ୍ରେମ ବିବାହ କରିଥିଲେ । ବିବାହର କିଛିମାସ ପରେ ୧ ଲକ୍ଷ ଟଙ୍କା ଓ ବାଇକ୍ ଦାବି କରି ସ୍ୱାମୀ ଓ ଶ୍ୱଶୁର ଘର ଲୋକେ ସୋନାଲିଙ୍କୁ ନିର୍ଯାତନା ଆରମ୍ଭ କରିଥିଲେ । ୬ତାରିଖ ମଧ୍ୟାହ୍ନରେ ସୋନାଲିଙ୍କ ମୃତ୍ୟୁ ହୋଇଥିବା ଖବର ପାଇ ତାଙ୍କ ପରିବାର ଲୋକେ ବ୍ରହ୍ମପୁର ଏମକେସିଜି ମେଡିକାଲରେ ପହଞ୍ଚିଥିଲେ । ସୋନାଲି ବିଷ ପିଇ ଆତ୍ମହତ୍ୟା କରିଥିବା ତାଙ୍କ ଶ୍ୱଶୁର ଘର ପକ୍ଷରୁ କୁହାଯାଇଥିଲା । ହେଲେ ଅଧିକ ଯୌତୁକ ଦାବିରେ ସୋନାଲିଙ୍କୁ ବିଷ ପିଆଇ ହତ୍ୟା କରାଯାଇଥିବା ତାଙ୍କ ବାପ ଘର ଲୋକେ ଅଭିଯୋଗ କରିବା ପରେ ସଦର ଥାନା ପୁଲିସ ଏକ ମାମଲା (ନଂ.୧୧୪/୨୬) ରୁଜୁ କରି ତଦନ୍ତ କରିଥିଲା । ପୁଲିସ ମୃତଦେହ ବ୍ୟବଚ୍ଛେଦ ସହ ଘଟଣାସ୍ଥଳରୁ ବିଭିନ୍ନ ଜୈବିକ ନମୂନା ଓ ପୋଷାକପତ୍ର ଜବତ କରିଥିଲା । ଗିରଫ ସିପୁନଙ୍କୁ କୋର୍ଟ ଚାଲାଣ କରାଯାଇଛି ।

## ଉତ୍କଳ ବାଳାଶ୍ରମରୁ ନିଖୋଜ ଦୁଇ ନାବାଳିକା ଉଦ୍ଧାର

ବ୍ରହ୍ମପୁର, ୮ ।୩(ସମିସ): ଗୋଷାଣୀନୂଆଗାଁ ଥାନା ଅନ୍ତର୍ଗତ ଉତ୍କଳ ବାଳାଶ୍ରମରୁ ଗତ ୫ତାରିଖରେ ନିଖୋଜ ହୋଇଯାଇଥିଲେ । ବାଳାଶ୍ରମର ଅଧକ୍ଷା ସସ୍ମିତା ରାଣୀ ପାଢ଼ୀଙ୍କ ଅଭିଯୋଗ ଅନୁଯାୟୀ ପୁଲିସ ନଂ.୮୨/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା । ବିଶେଷ ସୂତ୍ରରୁ ଖବର ପାଇ ପୁଲିସ ଟିମ ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ଥାନା ଅନ୍ତର୍ଗତ ସିଡ଼ାମାଡ଼ମ ଗ୍ରାମରୁ ଉଭୟଙ୍କୁ ଥାନା ଏସ୍ଆଇ ଗୌରବ ରଞ୍ଜନ ଦାଶ ଓ ତାଙ୍କ ଟିମ୍ ଉଦ୍ଧାର କରିଛନ୍ତି । ଏନେଇ ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍ ରବିବାର ସୂଚନା ଦେଇଛନ୍ତି । ନାବାଳିକାମାନେ ନିକଟରେ ବ୍ରହ୍ମପୁରରେ ଭିକ୍ଷାବୃତ୍ତି କରୁଥିବାବେଳେ ପୁଲିସ ଉଦ୍ଧାର କରି ଶିଶୁ କଲ୍ୟାଣ କମିଟିଙ୍କ ନିର୍ଦ୍ଦେଶକ୍ରମେ ଉତ୍କଳ ବାଳାଶ୍ରମରେ ରଖାଇଥିଲେ । କିନ୍ତୁ ବାଳାଶ୍ରମର ସୁରକ୍ଷା ବ୍ୟବସ୍ଥା ଢିଲା ରହିଥିବା ବେଳେ ସେମାନେ ସେଠାରୁ କୌଶଳକ୍ରମେ ଖସି ପଳାଇଥିଲେ ।

## ନାବାଳିକାକୁ ଅପହରଣ କରି ଦୁଷ୍କର୍ମ ଉଦ୍ୟମ; ଅଭିଯୁକ୍ତ ଗିରଫ

ବ୍ରହ୍ମପୁର, ୮ ।୩(ସମିସ): ଜଣେ ନାବାଳିକାକୁ ଅପହରଣ କରି ଦୁଷ୍କର୍ମ ଉଦ୍ୟମ ଅଭିଯୋଗରେ ଗୋପାଳପୁର ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ଅଭିଯୁକ୍ତ ହେଲେ ହିଞ୍ଜିଳି ଥାନା ପୁଚିଲିମା ଅଞ୍ଚଳର ମୋହନ ନାୟକ (୨୮) । ସୂଚନାଯୋଗ୍ୟ ଯେ, ଗତ ୨୮ ତାରିଖରେ ମୋହନ ଗୋପାଳପୁର ଥାନା ଅଞ୍ଚଳରେ ରହୁଥିବା ଦେଢ଼ଶାଶୁ ଘରକୁ ବୁଲିବାକୁ ଆସିଥିଲା । ସେଠାରେ ରହୁଥିବା ପ୍ରାୟ ୧୧ବର୍ଷର ନାବାଳିକାକୁ ବୁଲିବାକୁ ଯିବାକୁ ଡାକିଥିଲା । ସେ ମନା କରିବାରୁ ଜୋର ଜବରଦସ୍ତ କରି ଦୁଷ୍କର୍ମ ଉଦ୍ୟମ କରିଥିଲା । ନାବାଳିକା ଜଣକ କୌଶଳକ୍ରମେ ମୋହନଙ୍କ କବଳରୁ ଖସି ଆସି ପରିବାର ଲୋକଙ୍କୁ କହିଥିଲେ । ପରେ ପୀଡିତାର ମା ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା । ପୀଡିତାଙ୍କ ବୟାନ ଆଧାରରେ ପୁଲିସ ମୋହନକୁ ବଉଳଝୋଲି ଗ୍ରାମରୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ସତ୍ୟ ରଞ୍ଜନ ଲେଙ୍କା ସୂଚନା ଦେଇଛନ୍ତି ।



## ମହିଳା ପୁଲିସ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା



ବ୍ରହ୍ମପୁର, ୮ ।୩(ସମିସ): ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଜିଲ୍ଲା ପୁଲିସରେ କାର୍ଯ୍ୟରତ ମହିଳା କର୍ମଚାରୀ ତଥା ପୁରୁଷ ଅଧିକାରୀଙ୍କ ସ୍ତ୍ରୀ'ଙ୍କ ପାଇଁ ଏକ କାର୍ଡିଓମେଟାବୋଲିକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର କରାଯାଇଥିଲା । ଏହା ଭାରତୀୟ ଚିକିତ୍ସା ସଂଘ (ଆଇଏମଏ) ବ୍ରହ୍ମପୁର ଶାଖା ସହଯୋଗରେ ସୁଧୀର ହୃଦୟ କେନ୍ଦ୍ର, ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଥିଲା । ଏଥିରେ କ୍ଲିନିକାଲ ମୂଲ୍ୟାଙ୍କନ, ଭାଇଟାଲ୍ ପରୀକ୍ଷା, ରକ୍ତ ପରୀକ୍ଷା, ଇସିଜି, ଟିଏମଟି (ଟ୍ରେଡମିଲ୍ ଟେଷ୍ଟ) ଏବଂ ଫୁସଫୁସ ସମ୍ବନ୍ଧୀୟ ପରୀକ୍ଷା ସମେତ ବିଭିନ୍ନ ପରୀକ୍ଷା କରାଯାଇଥିଲା । ଏହି ଶିବିରରେ ବିଭିନ୍ନ ପଦବୀର ପ୍ରାୟ ୫୫ ଜଣ ମହିଳା କର୍ମଚାରୀ ଏବଂ ପୁରୁଷ ଅଧିକାରୀମାନଙ୍କର ସ୍ତ୍ରୀ'ମାନେ ଅଂଶଗ୍ରହଣ କରିଥିଲେ । ବ୍ରହ୍ମପୁରର ଏସପି ଡ଼. ସର୍ବଣା ବିବେକ ଏମ୍ ଶିବିରକୁ ଉଦଘାଟନ କରିଥିଲେ । ଆଇଏମଏ ବ୍ରହ୍ମପୁର ଶାଖାର ସଦସ୍ୟ ମାନଙ୍କ ସହିତ ସୁଧୀର ହୃଦୟ କେନ୍ଦ୍ରର ପରାମର୍ଶଦାତା ହୃଦରୋଗ ବିଶେଷଜ୍ଞ ଡ଼. ଡି.ଏସ୍. ପ୍ରସାଦ ଶିବିରରେ ମହିଳା ମାନଙ୍କର ହୃଦୟ ଓ ମେଟାବୋଲିକ ସ୍ୱାସ୍ଥ୍ୟ ପ୍ରତି ସଚେତନତା ବୃଦ୍ଧି କରିବା ସହ ପ୍ରାଥମିକ ପରୀକ୍ଷା ମାଧ୍ୟମରେ ସମ୍ଭାବ୍ୟ ରୋଗର ପ୍ରତିରୋଧ କରିବାରେ ସହାୟକ ହୋଇଥିଲା । ଏଭଳି କାର୍ଯ୍ୟକ୍ରମ ପୋଲିସ ବାହିନୀର ସଦସ୍ୟାଙ୍କ ସ୍ୱାସ୍ଥ୍ୟ ପ୍ରତି ପ୍ରଶାସନର ଯତ୍ନଶୀଳତାକୁ ପ୍ରତିପାଦିତ କରୁଛି ବୋଲି ଏସପି କହିଛନ୍ତି ।

'ଆମ ବସ୍'ରେ ଯାତ୍ରୀଙ୍କୁ ଶୋଷଣ ଅଭିଯୋଗ

# ନିର୍ଦ୍ଧାରିତ ମୂଲ୍ୟଠାରୁ ଦୁଇଗୁଣା ଅର୍ଥ ଆଦାୟ ନେଇ ଅସନ୍ତୋଷ

ବ୍ରହ୍ମପୁର, ୮ ।୩(ସମିସ)




ରାଜ୍ୟ ସରକାରଙ୍କ ଅନ୍ୟତମ ସଡ଼କ ପରିବହନ ସଂସ୍ଥା ହେଉଛି 'କ୍ରୁଟ' ବା 'କ୍ୟାପିଟାଲ ରିଜିଅନ ଅର୍ବାନ ଟ୍ରାନ୍ସପୋର୍ଟ' । କ୍ରୁଟ ଦ୍ୱାରା ରାଜ୍ୟର ପ୍ରମୁଖ ସହର ଗୁଡ଼ିକରେ ଏହି ବସସେବା ଚାଲୁ ରହିଛି । ପୂର୍ବରୁ ଏହା 'ମୋ ବସ' ନାମରେ ନାମିତ ଥିବା ବେଳେ ବର୍ତ୍ତମାନ ଏହାର ନାମରେ ପରିବର୍ତ୍ତନ କରାଯାଇ 'ଆମ ବସ' କରାଯାଇଛି । ତେବେ ଯାତ୍ରୀଙ୍କୁ ସୁରକ୍ଷିତ ଓ ସୁଲଭ ମୂଲ୍ୟରେ ବସ୍ ସେବା ଯୋଗାଇବା ପାଇଁ ଏହି ବସସେବା ପ୍ରଚଳିତ ଥିବା ବେଳେ ଏବେ 'ଆମ ବସ୍' ଯାତ୍ରୀଙ୍କୁ ଶୋଷଣ କରୁଥିବା ଅଭିଯୋଗ ହୋଇଛି ।

କ୍ରୁଟ ପକ୍ଷରୁ କିଲୋମିଟର ପିଛା ଧାର୍ଯ୍ୟ ମୂଲ୍ୟଠାରୁ ବହୁ ଅଧିକ ଆଦାୟ କରାଯାଉଥିବା ଅଭିଯୋଗ ହୋଇଛି । ଏଭଳି ଘଟଣା ନଜରକୁ ଆସୁନଥିବା ବେଳେ ଗତ ୭ତାରିଖ ଦିନ ସ୍ଥାନୀୟ କଂଗ୍ରେସ ଭବନ ଠାରୁ ଗଞ୍ଜାମ ଜିଲ୍ଲା ହିଞ୍ଜିଳି ନିକଟସ୍ଥ କଞ୍ଚୁରୁ ଛକର ମୁନା ମାହାନ୍ତି ବସ୍‌ରେ ବସିଥିଲେ । କୌଣସି କାମରେ ବ୍ରହ୍ମପୁର ଆସିଥିବା ମୁନା ସନ୍ଧ୍ୟାରେ ଘରକୁ ଫେରିବା ପାଇଁ ଆମ ବସ୍‌ରେ ଡୁଡୁମା କଲୋନୀ ସ୍ଥିତ ଅସ୍ଥାୟୀ ବସ୍‌ଷ୍ଟାଣ୍ଡକୁ ଆସିଥିଲେ । ତେବେ ମାତ୍ର ୫.୨୬କିଲୋମିଟର ଯାତ୍ରା ପାଇଁ ତାଙ୍କ ଠାରୁ ବସ୍ କଣ୍ଡକ୍ଟର ୨୦ଟଙ୍କାର ଟିକେଟ ଧରାଇ ଦେଇଥିଲେ । ଯାହାକୁ ନେଇ ମୁନା ପ୍ରଶ୍ନ କରିଥିଲେ ହେଁ ତାଙ୍କୁ ସନ୍ତୋଷଜନକ ଉତ୍ତର ମିଳିନଥିଲା । ତେବେ ସେ ବସ୍‌ରେ ଚ ଢ଼ି ଥି ବା ରୁ ବାଧ୍ୟ ହୋଇ ୨୦ଟଙ୍କା ଟିକଟ ଦେଇଥିଲେ । ତେବେ କ୍ରୁଟ ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଧାରିତ ମୂଲ୍ୟ ପ୍ରକାରେ ମୁନାଙ୍କ ଠାରୁ ୧୦ଟଙ୍କା ନେବା କଥା । ଟିକେଟ ମୂଲ୍ୟର ଦୁଇଗୁଣା ଅର୍ଥ ଆଦାୟକୁ ନେଇ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି ଏବଂ ଏହାର ତଦନ୍ତ କରିବାକୁ ଦାବି କରାଯାଇଛି ।

ଏନେଇ କ୍ରୁଟର ବ୍ରହ୍ମପୁର ହଳଦିଆପଦର ଡିପୋ ପରିଚାଳକ କିଶାନ ଦାସଙ୍କ ସହ ଯୋଗାଯୋଗ ବେଳେ ସେ ବୈଷୟିକ ତ୍ରୁଟି ଯୋଗୁଁ ଏଭଳି ହୋଇଥିବା ସ୍ୱୀକାର କରିଛନ୍ତି । ବ୍ରହ୍ମପୁରରେ ସମସ୍ତ ଆମ ବସ ଶୀତତାପ ନିୟନ୍ତ୍ରିତ ଥିବା ବେଳେ ଏହାର ନିର୍ଦ୍ଧାରିତ ମୂଲ୍ୟ ପ୍ରକାରେ ପ୍ରତି ଦୁଇ କିଲୋମିଟରକୁ ୫ଟଙ୍କା ହିସାବରେ ସମ୍ପୃକ୍ତ ଯାତ୍ରୀଙ୍କୁ ୧୫ଟଙ୍କା ଟିକେଟ ପଡ଼ିବା କଥା । କିନ୍ତୁ କ୍ରୁଟ ପକ୍ଷରୁ ଆମ ବସରେ 'ଚାଲୋ' ଆପ ଜରିଆରେ ଅନ୍‌ଲାଇନ ଟିକେଟ ବ୍ୟବସ୍ଥା ଚାଲୁ ରହିଛି । ଏଥିରେ ବୈଷୟିକ ତ୍ରୁଟି ଯୋଗୁଁ ଏଭଳି ସମସ୍ୟା ସୃଷ୍ଟି ହୋଇଥିବା ବେଳେ ଖୁବ୍‌ଶୀଘ୍ର ଏହାର ସମାଧାନ ହୋଇଯିବ ବୋଲି ଡିପୋ ପରିଚାଳକ କହିଛନ୍ତି । କେବଳ ମୁନା ମହାନ୍ତି ନୁହଁନ୍ତି ଆମ ବସର କଣ୍ଡକ୍ଟରଙ୍କ ହାତରେ ଥିବା କିଓସ୍କରେ ତ୍ରୁଟି ଯୋଗୁଁ ବହୁ ଯାତ୍ରୀଙ୍କୁ ନିର୍ଦ୍ଧାରିତ ମୂଲ୍ୟ ଠାରୁ ଅଧିକ ଦେୟ ଦେବାକୁ ପଡ଼ିଥିବା ସ୍ପଷ୍ଟ ହୋଇଥିବା ବେଳେ ତାହାକୁ ଫେରାଇବା ସମ୍ଭବପର ନୁହେଁ ବୋଲି ମଧ୍ୟ ସେ କହିଛନ୍ତି । ଏଭଳି ସମସ୍ୟା କେତେ ଦିନ ଧରି ହୋଇଛି ଓ କେତେ ଯାତ୍ରୀଙ୍କୁ ଶେଶଷଣର ଶୀକାର ହୋଇଛନ୍ତି ତାହା ବର୍ତ୍ତମାନ ଚର୍ଚ୍ଚାର ବିଷୟ ପାଲଟିଛି ।

● ଘଟଣାର ତଦନ୍ତ କରି ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି
● 'ଚାଲୋ' ସଫ୍ଟୱେରରେ ସମସ୍ୟା ଯୋଗୁଁ ଏଭଳି ହୋଇଛି: ଡିପୋ ମ୍ୟାନେଜର

## ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଶ୍ୱନାଥ ଦାସଙ୍କ ଜୟନ୍ତୀ



ବ୍ରହ୍ମପୁର, ୮ ।୩(ସମିସ): ମହାନଗର ନିଗମ ଅତିଥି ଭବନ ପରିସରରେ ବିଶ୍ୱନାଥ ଦାସ ସ୍ମୃତି ସଂସଦ ପକ୍ଷରୁ ବିଶ୍ୱନାଥ ଦାସଙ୍କ ୧୩୮ ତମ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ଅତିଥି ଭବନ ପରିସରରେ ଥିବା ସ୍ୱର୍ଗତ ଶ୍ରୀ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ସଂସଦର ସଭାପତି ପ୍ରଫେସର ବିଷ୍ଣୁ ଚରଣ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମାଜ ଖବର କାଗଜର ମୁଦ୍ରାକର ତଥା ପ୍ରକାଶକ ରାଜେନ୍ଦ୍ର କୁମାର ଜେନା ଯୋଗ ଦେଇଥିଲେ । ମୁଖ୍ୟ ବକ୍ତା ଭାବେ ଭାବେ ବ୍ରହ୍ମପୁର ମହାନଗର ନିଗମର ଉପାୟୁକ୍ତ କଲ୍ୟାଣୀ ସଂଘମିତ୍ରା ଯୋଗଦେଇ ବିଶ୍ୱନାଥ ଦାସଙ୍କ ଅବଦାନ ଓ ଜୀବନୀ ସମ୍ପର୍କରେ ଆଲୋକପାତ କରି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱନାଥ ଦାସ ସ୍ମୃତି ସଂସଦର ସଭାପତି ବିଶିଷ୍ଟ ଶିକ୍ଷାବିତ୍ ବରିଷ୍ଠ ରାଜନୀତି ବିଜ୍ଞାନୀ ପ୍ରଫେସର ବିଷ୍ଣୁ ଚରଣ ଚୌଧୁରୀ, ସଂସଦ ସମ୍ପାଦକ ଡା. ସାଗର ରଞ୍ଜନ ତ୍ରିପାଠୀ, ଆବାହକ ରମେଶ ଚରଣ ତ୍ରିପାଠୀ, କାର୍ଯ୍ୟକ୍ରମ ସଂଯୋଜକ ଶ୍ରୀକାନ୍ତ ଦାସ, ବ୍ରହ୍ମପୁର ପୁର୍ବତନ ବିଧାୟକ ଡା. ରମେଶଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ପୁର୍ବତନ ଉପ ବାଚସ୍ପତି ରାମ ଚନ୍ଦ୍ର ପଣ୍ଡା, ବରିଷ୍ଠ ସାମ୍ବାଦିକ ଶକ୍ତିଧର ରାଜଗୁରୁ, ହୃଷୀକେଶ ଦାଶ, ଶ୍ୟାମ ସୁନ୍ଦର ଖାଡଙ୍ଗା, ଡ଼. ଶଙ୍କର ନାରାୟଣ ବେଜ, ହରେକୃଷ୍ଣ ପଣ୍ଡା ସମେତ ବହୁ ବ୍ୟକ୍ତି ଯୋଗ ଦେଇ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ବାବୁଲା ପାତ୍ର ଓ ବାଳକୃଷ୍ଣ ସାମନ୍ତରା ସହଯୋଗ କରି ଥିବା ବେଳେ ଶେଷରେ ଅଧାପକ ଡ. ଲକ୍ଷ୍ମୀ ନାରାୟଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## କଳିଙ୍ଗ ମହୋତ୍ସବ ଉଦ୍‌ଘାଟିତ



ବ୍ରହ୍ମପୁର, ୮ ।୩(ସମିସ): ସ୍ଥାନୀୟ ସରକାରୀ ଆଇଟିଆଇ ପ୍ରେକ୍ଷାଳୟରେ ଅଭିଷେକ କ୍ରିଏସନ୍ ଓ କଳିଙ୍ଗ ଟିଭି ସହଯୋଗରେ କଳିଙ୍ଗ ମହୋତ୍ସବ ଉଦଘାଟିତ ହୋଇଯାଇଛି । ମହୋତ୍ସବ କମିଟିର ଅଧ୍ୟକ୍ଷ ପ୍ରକାଶ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ମହୋତ୍ସବରେ ଅତିଥି ଭାବେ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ, ଲୋକ ସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ତଥା ଦୈନିକ ସମାଜ ଖବର କାଗଜର ପ୍ରକାଶକ ଓ ମୁଦ୍ରାକର ରାଜେନ୍ଦ୍ର କୁମାର ଜେନା, ବରିଷ୍ଠ ଭେଷଜ ବିଶେଷଜ୍ଞ ପ୍ରଫେସର ଡା. ଉମା ଶଙ୍କର ମିଶ୍ର ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଏ ଅବସରରେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନର କଳାକାର ମାନେ ଲୋକନୃତ୍ୟ, ଶାସ୍ତ୍ରୀୟ ନୃତ୍ୟ, ଆଧୁନିକ ନୃତ୍ୟ ସମେତ ସଙ୍ଗୀତ ପରିବେଷଣ କରିଥିଲେ । ମହୋତ୍ସବ କମିଟି ପକ୍ଷରୁ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ପ୍ରତିଭାବାନ ବ୍ୟକ୍ତିବିଶେଷଙ୍କୁ ଅତିଥି ମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଆଙ୍କର୍ କାହ୍ନୁ ରାଉତଙ୍କ ସଂଯୋଜନା କରିଥିଲେ । ଶେଷରେ ମହୋତ୍ସବ କମିଟିର ଉପାଧ୍ୟକ୍ଷ ସୁଦୀପ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କେଦାରନାଥ ଚୌଧୁରୀ, ଉଷା ମହାପାତ୍ରଙ୍କ ସମେତ ଉଭୟ ଅନୁଷ୍ଠାନର ବହୁ କର୍ମଚାରୀ ଉପସ୍ଥିତ ଥିଲେ ।

## ଗ୍ୟାସ ସିଲିଣ୍ଡର ଦର ବୃଦ୍ଧିକୁ ନେଇ କଂଗ୍ରେସର ବିକ୍ଷୋଭ

ବ୍ରହ୍ମପୁର, ୮ ।୩(ସମିସ): ଗଞ୍ଜାମ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଗ୍ୟାସ ସିଲିଣ୍ଡର ଦର ବୃଦ୍ଧିକୁ ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ମଧ୍ୟପ୍ରାଚ୍ୟ ଯୁଦ୍ଧ ପରେ ଗ୍ୟାସ ସିଲିଣ୍ଡର ଦର ୬୦ଟଙ୍କା ବୃଦ୍ଧି ହୋଇଛି । ଫଳରେ ଖାଉଟି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି । ଗ୍ୟାସ ସିଲିଣ୍ଡର ଦର ନିୟନ୍ତ୍ରରେ କେନ୍ଦ୍ର ସରକାର ବିଫଳ ରହିଥିବାରୁ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଇସ୍ତାପା ପ୍ରଦାନ କରନ୍ତୁ ବୋଲି କମିଟି ଦାବି କରିଛି । ବିକ୍ଷୋଭରେ ଗଞ୍ଜାମ ଜିଲ୍ଲା କଂଗ୍ରେସ କମିଟି(ପୂବ) ସଭାପତି ରଶ୍ମି ରଞ୍ଜନ ପଟ୍ଟନାୟକ, ମହିଳା ସଭାପତି ବନଯା ପଣ୍ଡା, ଉପାସଭାପତି ବୃନ୍ଦାବନ ଖଟାଇ, ସୁବାସିନୀ ପଟ୍ଟନାୟକ, ଗୀତାଞ୍ଜଳି ସାହୁ, ରଶ୍ମିତା ସାହୁ, ସୁଜ୍ଞାନୀ, କୃଷ୍ଣ ଗୌଡ଼, କାଳୀ ପ୍ରସାଦ ପାଢ଼ି, ପ୍ରହ୍ଲାଦ ଗୌଡ଼ ଏବଂ ବହୁ କର୍ମୀ ଉପସ୍ଥିତ ଥିଲେ ।



## ଅକ୍ସିଜେନ୍ ବେଡ୍ ସହ ଡେଣ୍ଟାଲ ଓପିଜି ରୁମର ଶୁଭାରମ୍ଭ

ବ୍ରହ୍ମପୁର, ୮ ।୩(ସମିସ): ଏମକେସିଜି ମେଡ଼ିକାଲର ଟିବି ୱାର୍ଡ଼ରେ ୧୦ଟି ଅକ୍ସିଜେନ୍ ବେଡ୍ ସହ ପୋର୍ଟେବଲ୍ ଏକ୍ସରେ ମେସିନ୍‌ର ଶୁଭାରମ୍ଭ ହୋଇଛି । ଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର ଯୋଗଦେଇ ଏହାକୁ ଶୁଭାରମ୍ଭ କରିଛନ୍ତି । ବିଭାଗରେ ପୂର୍ବରୁ ଅକ୍ସିଜେନ୍ ବେଡ୍ ନଥିବାରୁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କୁ ଅକ୍ସିଜେନ୍ ସିଲିଣ୍ଡର ସହ ଉଠାଇନେବାକୁ ପଡୁଥିଲା । ବର୍ତ୍ତମାନ ଉଦ୍‌ଘାଟନ ହୋଇଥିବା ସ୍ୱତନ୍ତ୍ର ଭାବେ ଅକ୍ସିଜେନ୍ ବେଡ଼ରେ ପ୍ରଥମ ମହଲା ବଦଳରେ ତଳ ମହଲାରେ ରଖି ଚିକିତ୍ସା କରାଯାଇପାରିବ । ଉଦ୍‌ଘାଟନ ହୋଇଥିବା ନୂତନ ପୋର୍ଟେବଲ୍ ଏକ୍ସରେ ବେଡ୍ ନିକଟରୁ ରୋଗୀଙ୍କ ଏକ୍ସରେ ବାହାର କରାଯାଇପାରିବ । ସେହିପରି ଦାନ୍ତ ବିଭାଗ ପକ୍ଷରୁ ମେଡ଼ିକାଲର ଟ୍ରମା କେୟର ସେଣ୍ଟର ମଧ୍ୟରେ ଡ଼େଣ୍ଟାଲ ଓପିଜି ରୁମକୁ ମଧ୍ୟ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର ଶୁଭାରମ୍ଭ କରିଛନ୍ତି । ଏହି ଓପିଜି ରୁମରେ ନୂତନ ଭାବେ ଇମେଜିଙ୍ଗ ମେସିନ୍‌କୁ ମଧ୍ୟ କାର୍ଯ୍ୟକ୍ଷମ କରାଯାଇଛି । ଏହି ମେସିନ୍ ମାଧ୍ୟମରେ ରୋଗୀଙ୍କର କମ ସମୟ ମଧ୍ୟରେ ୩୨ଟି ଦାନ୍ତର ଏକ୍ସରେ କରାଯାଇପାରିବ । ନୂତନ ଭାବେ ଆସିଥିବା ଏହି ଅତ୍ୟାଧୁନିକ ଇମେଜିଙ୍ଗ ମେସିନ୍‌ର ଆନୁମାନିକ ମୂଲ୍ୟ ପ୍ରାୟ ୨୦ଲକ୍ଷ ଟଙ୍କା ରହିଛି । ଏହି ମେସିନ୍‌କୁ ଚଳାଇବା ନିମନ୍ତେ ଏମକେସିଜି ମେଡ଼ିକାଲ ପକ୍ଷରୁ ସ୍ୱତନ୍ତ୍ର ଭାବେ ସିନିୟର୍ ରେଡ଼ିଓଗ୍ରାଫରଙ୍କୁ ନିୟୋଜିତ କରାଯାଇଛି । କାର୍ଯ୍ୟକ୍ରମରେ ଏମକେସିଜି ମେଡ଼ିକାଲ ଓ ହସ୍ପିଟାଲ ଡ଼ିନ ପ୍ରଫେସର ଡ଼ା. ସୂଚିତ୍ରା ଦାଶ, ଅଧୀକ୍ଷକ ପ୍ରଫେସର ଡ଼ା. ଦୁର୍ଗା ପ୍ରସାଦ ଶତପଥି, ଟିବି ବିଭାଗ ମୁଖ୍ୟ ଡା. ପ୍ରିୟଙ୍କା ଦାଶ ଓ ଡା. ପ୍ରିୟଜିତ ଜେନାଙ୍କ ସହ ବହୁ ଡାକ୍ତର ଓ କର୍ମଚାରୀ ଉପସ୍ଥିତ ଥିଲେ ।



## ସହର ତଳି କ୍ରିୟାନୁଷ୍ଠାନ କମିଟିର ବୈଠକ



ବ୍ରହ୍ମପୁର, ୮ ।୩(ସମିସ): ମହାନଗର ପାର୍ଶ୍ୱବର୍ତ୍ତୀ ୧୪ଟି ପଞ୍ଚାୟତର ବ୍ରହ୍ମପୁର ମହାନଗର ନିଗମରେ ସାମିଲ ହେବା ପରେ ସେ ସବୁ ଅଞ୍ଚଳର ବିକାଶ ରୂପରେଖ କଣ ଏଙ୍ଗ ୱାର୍ଡ ଗଠନର ମାପଦଣ୍ଡ କିଭଳି ରହିବା ଦରକାର ତାହାରି ଉପରେ ସହର ତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜଗଦଳପୁର ପଞ୍ଚାୟତରେ ପଞ୍ଚାୟତ ପ୍ରତିନିଧି, ବୁଦ୍ଧିଜୀବି ଓ ସ୍ଥାନୀୟ ଗ୍ରାମବାସୀଙ୍କ ସହ ଏକ ବିଚାରବିମର୍ଷ ବୈଠକ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ସରପଞ୍ଚ କ୍ରାନ୍ତି ଦେବୀଙ୍କ ବାସଗୃହରେ ଅନୁଷ୍ଠିତ ବୈଠକରେ କ୍ରିୟାନୁଷ୍ଠାନ କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ କହିଥିଲେ ଯେ, ଅଞ୍ଚଳର ମୌଳିକ ଆବଶ୍ୟକତା, ସମସ୍ୟା, ଦାବି ଓ ଅସୁବିଧା କଣ ରହିଛି । ବିଶେଷକରି ଭିତ୍ତିଭୂମି ଠାରୁ ଆରମ୍ଭ କରି ରୋଜଗାର ଓ ସାମାଜିକ କଲ୍ୟାଣ ଭିତ୍ତିକ ବିକାଶର ରୂପରେଖ କ'ଣ ଓ ୱାର୍ଡ ଗଠନର ଆଧାର କିଭଳି ରହିବା ଦରକାର ତାହାର ଏକ ଡିପିଆର ଓ ମ୍ୟାପ ପ୍ରସ୍ତୁତ କରାଯାଉଥିବା କହିଥିଲେ । ତାହାଙ୍କୁ ପୂର୍ଣ୍ଣାଙ୍ଗ ରୂପ ଦେବା ପୂର୍ବରୁ ନୂତନ ଭାବରେ ମହାନଗର ନିଗମରେ ସାମିଲ ହୋଇଥିବା ଅଞ୍ଚଳର ନିର୍ବାଚିତ ପ୍ରତିନିଧି, ବୁଦ୍ଧିଜୀବି ଓ ସେଠାକାର ସଚେତନ ନାଗରିକଙ୍କ ସହ ବୈଠକ କରାଯାଇ ପରାମର୍ଶ ଓ ଫିଡ୍‌ବ୍ୟାକ ନିଆଯିବା ଉପରେ ଗୁରୁତ୍ୱ ଦେଇଥିଲେ । କମିଟି ଉପଦେଷ୍ଟା କାଳିନ୍ଦୀ ଚରଣ ନାୟକ ଓ ପ୍ରବୀଣ କୁମାର ପଟ୍ଟନାୟକ ବିକାଶର ରୋଲ୍ ମଡେଲ କିଭଳି ରହିବା ଦରକାର ବୈଠକରେ ଉପସ୍ଥାପନ କରିଥିଲେ । ସରପଞ୍ଚ କ୍ରାନ୍ତି ଦେବୀ ଓ ସମିତି ସଭ୍ୟ ରବୀନ୍ଦ୍ର ପାତ୍ର ନିଜର ଦୃଷ୍ଟିକୋଣ ରଖିଥିଲେ । ବୈଠକରେ ଏମ୍ ଲାବଣ୍ୟ ପାତ୍ର, ଦେବୀ ପ୍ରସାଦ ଦାସ, ବି ଭି ସାଗର, ଦିଗାମ୍ବର ସାମନ୍ତରାୟ, ସୁନିଲ ପାତ୍ର, ଅଜିତ୍ ପଟ୍ଟନାୟକ, କାହ୍ନୁ ଚରଣ ପତି, ସନ୍ତୋଷ ସାହୁ, ପ୍ରବୀଣ କୁମାରଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ ।

## ଆର୍ମିରେ ନିଯୁକ୍ତି ପ୍ରତିଶ୍ରୁତି ଦେଇ ୩ଲକ୍ଷ ଠକେଇ

ବ୍ରହ୍ମପୁର, ୮ ।୩(ସମିସ): ଜନୈକ ଶିକ୍ଷିତ ଯୁବକଙ୍କୁ ସେନାରେ ନିଯୁକ୍ତି ପାଇଁ ପ୍ରତିଶ୍ରୁତି ଦେଇ ଜଣେ ବ୍ୟକ୍ତି ୩ଲକ୍ଷ ୧୦ହଜାର ଟଙ୍କା ଠକି ନେଇଥିବା ଗୋପାଳପୁର ଥାନାରେ ଅଭିଯୋଗ ହୋଇଛି । ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

ସୂଚନାଯୋଗ୍ୟ ଯେ, ଗୋପାଳପୁର ଥାନା ଅନ୍ତର୍ଗତ କମଳାପୁର ଗ୍ରାମର ନାରାୟଣ ସାହୁ (୫୨)ଙ୍କ ପୁଅ ଜଣେ ଚାକିରୀ ଆଶାୟୀ । ୨୦୨୩ରେ ତାମିଲନାଡୁର ସୁରେଶ ଏସ୍ ଗୋପାଳପୁର ଏଡ଼ି ରେକର୍ଡସରେ ନିଯୁକ୍ତ ଥିଲେ । ଯାହାଙ୍କର ମୂଳ ୟୁନିଟ୍ ୧୩୧ଏୟାର ଡିଫେନ୍ସ ରେଜିମେଣ୍ଟ (ପଞ୍ଜାବ) ଅଟେ । ନାରାୟଣଙ୍କ ପୁଅକୁ ସେନାରେ ଭର୍ତ୍ତି କରିଦେବାକୁ ସେ ଆଶ୍ୱାସନା ଦେଇଥିଲେ । ଏନେଇ ନାରାୟଣ ୨୦୨୩ ଜାନୁଆରୀରୁ ଡିସେମ୍ବର ମଧ୍ୟରେ ତାଙ୍କୁ ଅନଲାଇନରେ ୪ଟି କିସ୍ତିରେ ମୋଟ ୩ଲକ୍ଷ ୧୦ହଜାର ଟଙ୍କା ପଠାଇଥିଲେ । ପରେ ଚାକିରୀ କଥା ପଚାରିଲେ ନିରବ ରହୁଥିଲେ । ୨୦୨୪ ଅଗଷ୍ଟରେ ସୁରେଶ ନାରାୟଣଙ୍କ ପୁଅକୁ ଚାକିରି ଯୋଗାଇ ପାରିବେ ନାହିଁ ବୋଲି ସ୍ପଷ୍ଟ ମନା କରିଦେଇଥିଲେ । ତେବେ ନିଯୁକ୍ତି ପାଇ ସେ ନେଇଥିବା ଟଙ୍କା ଫେରସ୍ତ କରିଦେବେ ବୋଲି କହିଥିଲେ ହେଁ ପରବର୍ତ୍ତି ସମୟରେ ନାରାୟଣଙ୍କ ସହ ସମ୍ପର୍କ ଛିନ୍ନ କରିଦେଇଥିଲେ । ୨୦୨୫ ଡିସେମ୍ବର ୩୧ରେ ଶେଷ ଥର ପାଇଁ ସୁରେଶଙ୍କ ସହ କଥା ହୋଇଥିଲେ ନାରାୟଣ । ତାହା ପରଦିନ ଠାରୁ ସୁରେଶ ପୁଣି ନିଜ ମୋବାଇଲ୍ ଫୋନକୁ ବନ୍ଦ କରି ଦେଇଛନ୍ତି । ଠକେଇର ଶିକାର ହୋଇଥିବା ଜାଣିବା ପରେ ନାରାୟଣ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ ।

ଗଞ୍ଜାମ ଓକିଲ ସଂଘ ନିର୍ବାଚନ

# ଆଜି ସରିବ ନାମାଙ୍କନ ଦାଖଲ ପ୍ରକ୍ରିୟା

● ରବିବାର ସଭାପତି ପାଇଁ ଜଣେ ଓ ଯୁଗ୍ମ ସମ୍ପାଦକ ପାଇଁ ୨ଜଣ ଭରିଲେ ନାମାଙ୍କନ
● ବର୍ତ୍ତମାନ ସୁଦ୍ଧା ମୈଦାନରେ ୧୧ପ୍ରାର୍ଥୀ, ଶେଷ ଦିନରେ ଓହ୍ଲାଇବେ ଆଉ ୫ପ୍ରାର୍ଥୀ





ବ୍ରହ୍ମପୁର, ୮ ।୩(ସମିସ)

ରାଜ୍ୟବ୍ୟାପୀ ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ପାଇଁ ଜାରି ରହିଛି ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା । ଗଞ୍ଜାମ ଓକିଲ ସଂଘରେ ପ୍ରଥମ ଦିନ ବିଭିନ୍ନ ପଦବୀ ପାଇଁ ମୋଟ ୧୧ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିଲେ । ସେହିଭଳି ରବିବାର ଦ୍ୱିତୀୟ ଦିବସରେ ଆଉ ୩ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଫଳରେ ସଭାପତି, ସମ୍ପାଦକ, ଉପ ସଭାପତି ଓ ସହ ସମ୍ପାଦକ ଭଳି ୪ଟି ପଦବୀ ପାଇଁ ବର୍ତ୍ତମାନ ସୁଦ୍ଧା ୧୪ଜଣ ପ୍ରାର୍ଥୀ ମୈଦାନକୁ ଓହ୍ଲାଇଛନ୍ତି । ସେଥିମଧ୍ୟରୁ ସଭାପତି ପଦବୀରେ ୩ଜଣ, ଉପ ସଭାପତି ପଦବୀରେ ୪ଜଣ, ସମ୍ପାଦକ ପଦବୀରେ ଜଣେ ଓ ସହ ସମ୍ପାଦକ ପଦବୀରେ ୩ଜଣ ପ୍ରାର୍ଥୀ ରହିଛନ୍ତି । ତେବେ ନାମାଙ୍କନ ପତ୍ର ଦାଖଲର ଶେଷ ଦିନ ସୋମବାର ଆଉ ୫ଜଣ ଆଶାୟୀ ଯଥାକ୍ରମେ ସଭାପତି ପଦବୀରେ ଜଣେ, ସମ୍ପାଦକ ପଦବୀରେ ୩ଜଣ ଓ ସହ ସମ୍ପାଦକ ପଦବୀ ପାଇଁ ଜଣେ ଏହିଭଳି ମୋଟ ୫ଜଣ ଆଶାୟୀ ନାମାଙ୍କନ ପତ୍ର ଦାଖଲ କରିବା ସମ୍ଭାବନା ରହିଛି । ବର୍ତ୍ତମାନ ସୁଦ୍ଧା ନିର୍ବାଚନ ପ୍ରକ୍ରିୟା ଶାନ୍ତିପୂର୍ଣ୍ଣ ଓ ସୁରୁଖୁରୁରେ ଚାଲିଥିବା କହିଛନ୍ତି ନିର୍ବାଚନ ଅଧିକାରୀ ନୟନ ଚନ୍ଦ୍ର ମହାପାତ୍ର । ସୋମବାର ନାମାଙ୍କନ ପତ୍ର ଦାଖଲ ଶେଷ ପରେ ସମସ୍ତ ପ୍ରାର୍ଥୀଙ୍କ ତାଲିକା ୧୦ତାରିଖରେ ଘୋଷଣା କରାଯିବ । ପରେ ପୁଣି ସେଗୁଡ଼ିକୁ ଯାଞ୍ଚ କରି ଯୋଗ୍ୟ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ ପାଇବ ।

## ରାଇଘର-ପୁରୀ ସରକାରୀ ଭଲ୍‌ଭୋ ବସ୍ ଚଳାଚଳ ବନ୍ଦ

# ସ୍ୱପ୍ନ ପାଲଟିଲା ଉପାନ୍ତବାସୀଙ୍କ ଜଗା ଦର୍ଶନ ଆଶା

ଜି.ଉଦୟଗିରି,୮।୩(ସମିସ)

- ପୂର୍ବ ସରକାର ଆରମ୍ଭ କରିଥିଲେ 'ଜଗନ୍ନାଥ ଏକ୍ସପ୍ରେସ୍'
- ପରିବହନ ବିଭାଗ ନିରବଦ୍ରଷ୍ଟା, ଯାତ୍ରୀ ହନ୍ତସନ୍ତ



ଲୋକେ ସିଧାସଳଖ ପୁରୀ ଯାଇ ଜଗା ଦର୍ଶନ କରିବା ପାଇଁ ସବୁ ଜିଲ୍ଲାରୁ ପୁରୀକୁ 'ଜଗନ୍ନାଥ ଏକ୍ସପ୍ରେସ' ସୁବିଧା ପୂର୍ବ ସରକାର କରିଥିଲେ। ଏଥିରେ ଆରାମଦାୟକ ଯାତ୍ରା ପାଇଁ ଭଲ୍‌ଭୋ ବସ୍ ଚାଳଚଳ କରୁଥିବାବେଳେ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା ରହିଥିଲା। କିନ୍ତୁ ଜି. ଉଦୟଗିରି, କଳିଙ୍ଗା, ଭଞ୍ଜନଗର, ଜଗନ୍ନାଥପ୍ରସାଦ, ନୟାଗଡ଼ ଦେଇ ଚାଲୁଥିବା ରାଇଘର ସରକାରୀ ଭଲ୍‌ଭୋ ରାଇଘର-ପୁରୀ ବସ୍ ବନ୍ଦ ରହିଛି। କଳିଙ୍ଗା ଘାଟି ରାସ୍ତା ଭୂସ୍ଖଳନ ପୂର୍ବରୁ ଏହି ରାସ୍ତା ଦେଇ ଠିକ ଠାକ ଚାଲୁଥିଲା। କଳିଙ୍ଗା ଘାଟି ରାସ୍ତା ସ୍ୱାଭାବିକ ହେବା ପରେ ଭୂସ୍ଖଳନ ଠାରେ ନିର୍ମାଣ ରାସ୍ତା ସଂକୀର୍ଣ୍ଣ ଆଳ ଦେଖାଇ ବନ୍ଦ ହୋଇଛି ଏହି ବସ୍ ଚଳାଚଳ। ରାସ୍ତା ସ୍ୱାଭାବିକ ହେବା ପରେ ବହୁବାର ଅଭିଯୋଗ କରିବା ସହିତ, ପରିବହନ ବିଭାଗ ଦୟିତ୍ୱରେ ଥିବା ଅଧିକାରୀଙ୍କ ସହିତ କଥାବାର୍ତ୍ତା ହୋଇ ଅନ୍ୟ ଭଲଭୋ ଚଳାଚଳ କରୁଛି। ତେଣୁ ରାସ୍ତା ସଂକୀର୍ଣ୍ଣ ଏକ କାରଣ ହୋଇ ନପାରେ ବୋଲି କୁହାଯାଉଛି। ଏହା ସହିତ ଦୁଇ ଦିନ ମଧ୍ୟରେ ଏହି ବସ୍‌ଏ ଚଳାଚଳ କରିବ ବୋଲି ଅଧିକାରୀ କହିଥିଲେ। କିନ୍ତୁ ମାସମାସ ପରେ ମାସ ବିତିଥିଲେ ମଧ୍ୟରେ ସୁଫଳ ମିଳିନି। ପ୍ରତିଦିନ ଏହି ରାସ୍ତା ଦେଇ ଗଞ୍ଜାମରୁ ପଶ୍ଚିମ ଓଡ଼ିଶାକୁ ବହୁ ଭଲଭୋ ବସ୍ ଚଳାଚଳ କରୁଥିବା ବେଳେ କୈଣସି କାରଣ ନ ଥାଇ ଏହି ରୁଟର ରାଇଘର - ପୁରୀ ସରକାରୀ ଭଲଭୋ ବସ୍ ବନ୍ଦ କରାଯିବା ଦୁଃଖର ବିଷୟ ବୋଲି ଲୋକେ କହିଛନ୍ତି। ପରିବହନ ବିଭାଗ ନିରବଦ୍ରଷ୍ଟା ସାଜିଥିବା ବେଳେ ଯାତ୍ରୀ ପୁରୀ ଯିବା ପାଇଁ ହନ୍ତସନ୍ତ ହେଉଛନ୍ତି। ଅଞ୍ଚଳରୁ ଲୋକେ ପୁରୀ ଯିବାକୁ ଭଞ୍ଜନଗର, ନହେଲେ ଭୁବନେଶ୍ୱର ଦେଇ ଗାଡ଼ି ବଦଳେଇ ଦିନ ତମାମ ସମୟ ନଷ୍ଟ କରିବା ସହିତ ଅଧିକ ଖର୍ଚ୍ଚ କରିବାକୁ ବାଧ ହେଉଛନ୍ତି। ଶୀଘ୍ର ଏହି ରାସ୍ତା ଦେଇ ପୁରୀ-ରାଇଘର ସରକାରୀ ଭଲଭୋ ବସ୍ ଚଳାଚଳ କଲେ ଅଂଚଳବାସୀ ଯାତ୍ରୀ ଉପକୃତ ହୋଇପାରିବେ ବୋଲି କୁହାଯାଇଛି।

## ଉଦ୍ୟାନ କୃଷି କର୍ମଶାଳା ଓ ପ୍ରଶିକ୍ଷଣ ଶିବିର



ଟିକାବାଲି,୮।୩(ସମିସ): ଉଦ୍ୟାନ ବିଭାଗ ପରିସରରେ ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ ଯୋଜନା ମାଧ୍ୟମରେ ଏକ ଦିବସୀୟ ଉଦ୍ୟାନ କୃଷି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବ୍ଲକର ୧୧ ବିଭିନ୍ନ ପଞ୍ଚାୟତରୁ ଉଦ୍ୟାନ ଚାଷୀ ଏସ୍‌ଏଚ୍‌ଜି ମହିଳା ଯୋଗ ଦେଇଥିଲେ। କର୍ମଶାଳାରେ ମୁଖ୍ୟତଃ ଚାଷୀଙ୍କୁ ଆଧୁନିକ ଉଦ୍ୟାନ କୃଷି ଭିତ୍ତିକ ପ୍ରଣାଳୀ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ବିଭାଗୀୟ ଅଧିକାରୀ ଚାଷୀଙ୍କୁ ସରକାରୀ ସହାୟତା, ବିଭିନ୍ନ ଯୋଜନାରେ ମିଳୁଥିବା ସବସିଡି ଏବଂ ବ୍ୟାଙ୍କ ଋଣ ସୁବିଧା ବିଷୟରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଏଥିସହ ବର୍ତ୍ତମାନର ବଜାର ଚାହିଦାକୁ ଦୃଷ୍ଟିରେ ରଖି ଜୈବିକ କୃଷିର ମହତ୍ତ୍ୱ ଏବଂ ଏହାର ଉପକାରିତା ଉପରେ ଗୁରତ୍ୱାରୋପ କରାଯାଇଥିଲା। ଉଦ୍ୟାନ ଚାଷ ମାଧ୍ୟମରେ କିଭଳି ଚାଷୀ ନିଜର ଆର୍ଥିକ ଅବସ୍ଥା ସୁଧାରିବା ସହ ସ୍ୱାବଲମ୍ବୀ ହୋଇପାରିବେ, ସେଥିପାଇଁ ଏହି ଶିବିରରେ ପରାମର୍ଶ ଦିଆଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ଚାଷୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଏକ ଆଲୋଚନାଚକ୍ର ମଧ୍ୟ ଅନୁଷ୍ଠିତ ହୋଇଥିଲା।

## ଶ୍ରୀ ଜଗନ୍ନାଥ ଦର୍ଶନରେ ଗଲେ ୭୪ ବରିଷ୍ଠ ନାଗରିକ



ପାରଳାଖେମୁଣ୍ଡି,୮।୩(ସମିସ): ଶ୍ରୀ ଜଗନ୍ନାଥଙ୍କ ଦର୍ଶନ ପାଇଁ ପୁରୀ ଅଭିମୁଖେ ଗଜପତି ଜିଲ୍ଲାରୁ ବାହାରିଲେ ୭୪ ଜଣ ତୀର୍ଥଯାତ୍ରୀ। ତୀର୍ଥଯାତ୍ରୀ ବସ୍‌କୁ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଫିତାକାଟି ଶୁଭାରମ୍ଭ କରିଥିବା ବେଳେ ଜିଲ୍ଲାପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ ଓ ପାରଳାଖେମୁଣ୍ଡି ପୌରାଧ୍ୟକ୍ଷା ନିର୍ମଳା ସେଠୀ ପତାକା ଦେଖାଇଥିଲେ। ଜିଲ୍ଲା ପ୍ରଶାସନ ତରଫରୁ ଯାତ୍ରୀଙ୍କ ସୁରକ୍ଷା ନିମନ୍ତେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଗସ୍ତ ପୂର୍ବରୁ ସ୍ୱାସ୍ଥ୍ୟ ପରୀକ୍ଷା ସହ ନିତ୍ୟ ଆବଶ୍ୟକ ଜିନିଷ ରହିଥିବା କିଟ୍ ପ୍ରଦାନ କରାଯାଇଥିବା ବେଳେ ଯାତ୍ରୀଙ୍କ ତତ୍ତ୍ୱାବଧାନ ପାଇଁ ଏସକର୍ଟ ଅଫିସର ରହିବା, ଯାତ୍ରୀ ମାନଙ୍କର ଯାତ୍ରା ସମୟରେ ସମସ୍ତ ଖର୍ଚ୍ଚ ସରକାର ବହନ କରିବା ଆଦି ବ୍ୟବସ୍ଥା କରାଯାଇଥିବାର ସୂଚନା ପ୍ରଦାନ କରାଯାଇଛି। ଏହି ଅବସରରେ ଜିଲ୍ଲାପରିଷଦ ଅଧ୍ୟକ୍ଷ ଶ୍ରୀ ରାଓ କହିଛନ୍ତି ଯେ ନବୀନ ସରକାରଙ୍କ ଅମଳରେ ବରିଷ୍ଠ ନାଗରିକଙ୍କ ପାଇଁ ତୀର୍ଥଯାତ୍ରା ଯୋଜନା ଆରମ୍ଭ ହୋଇଥିଲା। ସେହି ଯୋଜନାକୁ ବର୍ତ୍ତମାନର ରାଜ୍ୟ ସରକାର ବଜାୟ ରଖିଛନ୍ତି। ଏହା ସ୍ୱାଗତ ଯୋଗ୍ୟ ପଦକ୍ଷେପ।

## ନିଶାମୁକ୍ତ ଭାରତ ଅଭିଯାନ ସଚେତନତା ପଦଯାତ୍ରା



ପାରଳାଖେମୁଣ୍ଡି,୮।୩(ସମିସ): ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ନିଶା ମୁକ୍ତ ଭାରତ ଅଭିଯାନର ନିଶା ସେବନର କୁପ୍ରଭାବ ଉପରେ ଆଲୋକପାତ କରି ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ଏହି ରାଲି ପାରଳାଖେମୁଣ୍ଡି ସ୍ଥିତ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟ ଠାରୁ ଆରମ୍ଭ ହୋଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ସ୍କୁଲ ଏବଂ କଲେଜ ଛାତ୍ରଛାତ୍ରୀ, ଜୀବନ କିରଣ ନିଶାସକ୍ତ ବ୍ୟକ୍ତିଙ୍କ ପାଇଁ ସମନ୍ୱିତ ଥଇଥାନ କେନ୍ଦ୍ରର କର୍ମଚାରୀ, ଏନ୍‌ସିସି କ୍ୟାଡେଟ୍, ଗଜପତିର ତୃତୀୟ ଲିଙ୍ଗୀ ସଦସ୍ୟ ଅଂଶଗ୍ରହଣ କରିଥିଲେ। ସଚେତନତା ପଦଯାତ୍ରାକୁ ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ ମାଝୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଉତ୍ସର୍ଗୀତା ବଡରଇତ, ପାରଳାଖେମୁଣ୍ଡି ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଏଲ୍.ସନ୍ତୋଷ କୁମାର, ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର କର୍ମଚାରୀ ଏବଂ ଅନ୍ୟାନ୍ୟ ବେସରକାରୀ ସ୍ୱେଚ୍ଛାସେବୀ ସଂଗଠନର କର୍ମଚାରୀ ଉପସ୍ଥିତ ଥିଲେ।

## କଳିଙ୍ଗା ବିଇଡି କଲେଜରେ ଜାତୀୟ ସେମିନାର




ଜି.ଉଦୟଗିରି,୮।୩(ସମିସ): ସରକାରୀ ବିଇଡି ଟ୍ରେନିଂ କଲେଜ, କଳିଙ୍ଗରେ ଦୁଇ ଦିବସୀୟ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରହ୍ମପୁର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟର ମୁଖ୍ୟ ଡଃ ନାରାୟଣ ବେହେରା ମୁଖ୍ୟ ଅତିଥି ଭାବେ, କନିଷିର ଦିବାକର ପଟ୍ଟନାୟକ ଅଗ୍ରଣୀ ଶିକ୍ଷକ ପ୍ରଶିକ୍ଷଣ ମହାବିଦ୍ୟାଳୟର ପ୍ରଫେସର୍ ବିମଳ ଚରଣ ସ୍ୱାଇଁ(ଅବସର ପ୍ରାପ୍ତ ଅଧ୍ୟକ୍ଷ), ପ୍ରଫେସର୍ ମନୋଜ କୁମାର ପ୍ରଧାନ, ପ୍ରଫେସର୍ ଦେବେନ୍ଦ୍ର କୁମାର ସେଠୀ ଓ ଘାସିରାମ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଛତିଶଗଡ଼ର ପ୍ରଫେସର ସମ୍ବିତ୍ କୁମାର ପାଢ଼ୀ ଅତିଥି ବକ୍ତା ଭାବରେ ଯୋଗ ଦେଇ ଏହି ସୂଚନା ବହୁଳ ପ୍ରାପ୍ତ ସମୟରେ ଶିକ୍ଷକ କିପରି ନିଜକୁ ଛାତ୍ର ଛାତ୍ରୀମାନଙ୍କ ପାଖରେ ନିଜକୁ ସମୟ ଉପଯୋଗୀ କରିବା ପୂର୍ବକ ଆଧୁନିକ ପ୍ରଯୁକ୍ତି ବିଦ୍ୟାର ଉପଯୋଗ କରି ଶିକ୍ଷାଦାନକୁ ଅଧିକ ପ୍ରଭାବଶାଳୀ କରିପାରିବ ସେହି ଉପରେ ଆଲୋଚନା କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଡଃ ଦୀପକ କୁମାର ମହାନ୍ତି ସଭାପତିତ୍ୱ କରିଥିବା ବେଳେ ଆସିଷ୍ଟାଣ୍ଟ ପ୍ରଫେସର ପ୍ରମୋଦ କୁମାର ନାୟକ ପରିଚାଳନା କରିଥିଲେ। ଅନୁଷ୍ଠାନର ଅନ୍ୟାନ୍ୟ ଶିକ୍ଷକ ଓ ଶିକ୍ଷୟତ୍ରୀ ଏଥିରେ ସହଯୋଗ କରିଥିଲେ।

## 'ସଶକ୍ତ ନାରୀ, ସଶକ୍ତ ରାଷ୍ଟ୍ର' କାର୍ଯ୍ୟକ୍ରମ



ପାରଳାଖେମୁଣ୍ଡି,୮ ।୩(ସମିସ): ଓଡ଼ିଶା ସରକାରଙ୍କର କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ୬ରୁ ୮ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ଅନ୍ତର୍ଜାତୀୟ ମହିଳା ଦିବସ ସ୍ଥାନୀୟ ବୃନ୍ଦାବନ ପ୍ୟାଲେସରେ ପାଳନ କରାଯାଉଛି। ଆଜି ଦ୍ୱିତୀୟ ଦିନର ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡା, ସହକାରୀ ଜିଲ୍ଲାପାଳ ତଥା ଜିଲ୍ଲା କ୍ରୀଡ଼ା ଅଧିକାରୀ ତ୍ରିନାଥ ସାହୁ, ଜିଲ୍ଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ, ଓଡ଼ିଶା ଜୀବିକା ମିଶନର ଜିଲ୍ଲା ପ୍ରକଳ୍ପ ପରିଚାଳକ ଟିମନ ବାରା ମଞ୍ଚାସୀନ ଥିଲେ। ଦ୍ୱିତୀୟ ଦିବସ ସଶକ୍ତି ନାରୀ ସଶକ୍ତି ରାଷ୍ଟ୍ର କାର୍ଯ୍ୟକ୍ରମ ଅବସରରେ ଶାରୀରିକ ଫିଟନେସ୍ ରଖିବା ସହ ସୁରକ୍ଷା, ଆରରକ୍ଷା, ନେତୃତ୍ୱ ଏବଂ କ୍ୟାରିୟର ସଚେତନତା ଉପରେ ଆଲୋଚନା କରାଯାଇଥିଲା। ପରେ ପରେ ବିଭିନ୍ନ ବିଦ୍ୟାଳୟ ମହାବିଦ୍ୟାଳୟ ଛାତ୍ରୀ, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱଚ୍ଛ ସାଥୀଙ୍କୁ ନେଇ ସ୍ୱାସ୍ଥ୍ୟ ସୁରକ୍ଷା ନେତୃତ୍ୱ ଉପରେ ସଚେତନତା କରାଯାଇ ଆତ୍ମରକ୍ଷା ପ୍ରଦର୍ଶନ ଏବଂ ତାଲିମ ଜୁଡୋ, ବକ୍ସିଂ, କରାଟେ ଖେଳ ସମ୍ପର୍କରେ ମହିଳାଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା।

# ବିଭିନ୍ନ ସ୍ଥାନରେ ଆନ୍ତର୍ଜାତିକ ମହିଳା ଦିବସ





କାଶୀନଗର,୮।୩(ସମିସ)



ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପ ପରିସରରେ କାଶୀନଗର ଏନ୍‌ଏସି ପକ୍ଷରୁ ରବିବାର ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇ ଯାଇଛି। ଅଧ୍ୟକ୍ଷା ଏମ୍.ସୁଧାରାଣୀଙ୍କ ସଭାପତିତ୍ୱରେ ଆୟୋଜିତ ସମାବେଶରେ ତହସିଲଦାର ସୁଧୀର କୁମାର ନନ୍ଦ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ଥାନା ଅଧିକାରୀ ତ୍ରିନାଥ ସେଠୀ, ଆଇସିଡିଏସ୍ ସୁପରଭାଇଜର ଇନ୍ଦିରା ପାଣିଗ୍ରାହୀ, ସିଇଓ ଉଜ୍ୱଳତା ସୁଆଲସିଂ ମଞ୍ଚାସୀନ ହୋଇ ସ୍ୱଚ୍ଛତାରେ ନାରୀ - ପରିବର୍ତ୍ତନର ଶକ୍ତି ପ୍ରସଙ୍ଗରେ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ଭିତରେ କାଶୀନଗର ନାଗରିକ ମହାସଭା ସଭାପତି କବି ପ୍ରଶାନ୍ତ ମିଶ୍ର ନାରୀ ଅଧିକାରବାଦ ସପକ୍ଷରେ ଲଢେଇ ସମୟର ଆହ୍ୱାନ ବୋଲି କହିଥିଲେ। କେ . ଜୀବରତ୍ନ, ଭି . ଚଲପତିଙ୍କ ସମେତ ସମସ୍ତ କାଉନସିଲର ଉପସ୍ଥିତ ଥିଲେ। ସମାବେଶରେ ବହୁ ମହିଳାଙ୍କ ସମାଗମ ହୋଇଥିଲା। ବରିଷ୍ଠ କାଉନସିଲର କେ .ରାମାରାଓ ସମାବେଶ ପରିଚାଳନା କରିଥିଲେ। ଅଞ୍ଚଳର ଥିବା ଅବସରପ୍ରାପ୍ତ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆ ଯାଇଥିଲା।

**ବ୍ରାହ୍ମଣୀଗାଁ:** ଦାରିଙ୍ଗବାଡି ବ୍ଲକର ଉପାନ୍ତ ଅଞ୍ଚଳରେ ଥିବା କାଟିଙ୍ଗିଆ ପଞ୍ଚାୟତରେ ମାତୃ ସଂଘର କର୍ମକର୍ତ୍ତାଙ୍କ ନେତୃତ୍ୱରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଇଥିଲା। କାଟିଙ୍ଗିଆ ଗ୍ରାମର ସମସ୍ତ ମହିଳା ସଙ୍ଘର ମହିଳା ଭାରତ ନିର୍ମାଣ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ପ୍ରାଙ୍ଗଣରେ ଏକତ୍ର ହୋଇ ଡାକବାଜି ଯନ୍ତ୍ର ଓ ନାରୀ ସଚେତନ ପ୍ଲା-କାର୍ଡ ଧରି ସଚେତନତାର ସ୍ଲୋଗାନ ଦେଇ ପ୍ରତ୍ୟେକ ସାହି ଓ ବଜାର ପରିକ୍ରମା କରି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମହିଳା ଦିବସ ପାଳନ ପାଇଁ ଆୟୋଜିତ ହୋଇଥିବା ସଭାସ୍ଥଳିରେ ପହଞ୍ଚିଥିଲେ। ମହିଳା ସଂଘର ସଭାନେତ୍ରୀ ପ୍ରେମାଞ୍ଜଳି ବିଷୋୟୀଙ୍କ ସଭାପତିତ୍ୱରେ ହୋଇଥିବା ସଭାରେ ମୁଖ୍ୟଅତିଥି ଭାବେ ସରପଞ୍ଚ ଶୁଭଦ୍ରା ପତ୍ରା, ମୁଖ୍ୟବକ୍ତା ଭାବେ ପାରିସପ୍ରିଷ୍ଟ ସନ୍ତୋଷ ସିଂ, ସମ୍ମାନୀତ ଅତିଥି ଭାବେ ନାଏବ ସରପଞ୍ଚ ମାଗୁଣି ପାତ୍ର, ଗ୍ରାମ ବିକାଶ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଅରବିନ୍ଦ ସିଂ, ବରିଷ୍ଠ ଆଶାକର୍ମୀ କମଳାଦେବୀ ସଭାନାୟକ, ସେବା ଭଗ୍ନୀ ରଶ୍ମି ରେଖା, ରୋଜ ମେରୀ, ସଂଗୀତା ଡି.ସି ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ପରିଚାଳନା ମହିଳା ସଙ୍ଘର ସମ୍ପାଦିକା ପ୍ରେମି ସିଂ କରିଥିବା ବେଳେ ଶେଷରେ ସ୍ନିଗ୍ଧା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

**ଜି.ଉଦୟଗିରି:** ଜି.ଉଦୟଗିରି ନିକଟସ୍ଥ ଲିଙ୍ଗାଗଡ ଗ୍ରାମ ପଞ୍ଚାୟତ କନଫରେନ୍‌ସ ହଲରେ ମାଧ୍ୟମ ଫାଉଣ୍ଡେସନ ଦ୍ୱାରା ଅନ୍ତର୍ଜାତୀୟ ମହିଳା ଦିବସ ସ୍ଥାନୀୟ ମହିଳା ମାନଙ୍କୁ ନେଇ ପାଳନ କରଯାଇଥିଲା। କାର୍ଯ୍ୟକ୍ରମରେ କୁମୁଦିନି ଦିଗଲ, ବିନୋଦ ପ୍ରଧାନ, କବିତା ଗମାଙ୍ଗ ଓ ମାଧ୍ୟମ ଫାଉଣ୍ଡେସନର ପ୍ରକଳ୍ପ ସଂଯୋଜକ ନାଗେଶ୍ୱର ପାତ୍ର ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶ୍ରୀମତୀ ଦିଗାଳ କନ୍ଧମାଳରେ ନାରୀ ମାନଙ୍କ ଉପରେ ଘଟୁଥିବା ବିଭିନ୍ନ ଅତ୍ୟାଚାର, ଅନ୍ୟାୟ,ଏହାର କୁପ୍ରଭାବରେ ସମାଜ କିପରି ପ୍ରଭାବିତ ହେଉଛି ଓ ଏହାର କିପରି ସମାଧାନ ହୋଇପାରିବ ତାହାଉପରେ ଆଲୋକପାତ କରିଥିଲା। କଣ କାଲେ ମହିଳା ମାନେ ସମାଜର ମୁଖ୍ୟ ସ୍ରୋତକୁ ଫେରିବେ ଓ ସ୍ୱାଭାବଲମ୍ବୀ ହୋଇ ପାରିବେ ବୋଲି ସେ କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ମହିଳା ଯୋଗ ଦେଇଥିବା ବେଳେ ପ୍ରଭାତ କୁମାର ଭୋଇ ପରିଚାଳନା କରିଥିଲେ।

**ଦାରିଙ୍ଗବାଡି:** ଦାରିଙ୍ଗବାଡି କଲେଜ ପଡ଼ିଆରେ ମିଶନ ଶକ୍ତିର ମିଳିତ କାର୍ଯ୍ୟକାରିଣୀ ଓ କମ୍ୟୁନିଟି ସପୋର୍ଟ ଷ୍ଟାଫ ସଂଘ ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଏସ୍‌ଆଇ ବାସନ୍ତୀ ବେହେରା, ଅତିଥି ଭାବେ ଅଙ୍ଗନବାଡ଼ି ସୁପରଭାଇଜର ଶକୁନ୍ତଳା ନାୟକ, ନାରୀନେତ୍ରୀ ବିଳାସିନୀ ନାୟକ, ଏସ୍‌ଆଇ ଶେଖ ଇମଦାଦ, କାଶ୍ମୀରା ବ୍ଲକ ମହାସଂଘର ସଭାନେତ୍ରୀ ରଶ୍ମିଦେବୀ ନାୟକ, ସମ୍ପାଦିକା ଶିଶୁମତି ପ୍ରଧାନ, ଏମବିକେ ସୁଷମା ପ୍ରଧାନ, ଓଏଲଏମ ବିପିଏମ ପିଣ୍ଟୁ ନାୟକ, ମିଶନ ଶକ୍ତି ବିପିସି ପ୍ରଦୀପ ସ୍ୱାଇଁ, ଓ ବିଏଲ୍‌ସି ସାନୁଜ ପ୍ରଧାନ ଯୋଗ ଦେଇଥିଲେ।



ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ମହିଳାଙ୍କୁ ମାନପତ୍ର ସହ ସିଲ ପ୍ରଦାନ କରାଯାଇଥିଲା। ଏଥି ସହିତ ୨୫ ପଞ୍ଚାୟତର ମହାସଂଘର ସଭାନେତ୍ରୀ ଓ ସମ୍ପାଦିକାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ସବୁଜ ବୈଦ୍ୟ ସଂଗଠନ ପକ୍ଷରୁ ମଧ୍ୟ ସାରିଙ୍ଗରିପିରେ ସମ୍ପାଦକ ଦୀନବନ୍ଧୁ ମହାରଣାଙ୍କ ନେତୃତ୍ୱରେ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି।

## ସରକାରୀ ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟରେ ବ୍ୟାଗ୍ ଲେସ୍ ଡେ'




ଟିକାବାଲି,୮।୩(ସମିସ): ଛାତ୍ରଛାତ୍ରୀଙ୍କ ମଧ୍ୟରେ କେବଳ ପୁସ୍ତକଗତ ଜ୍ଞାନ ନୁହେଁ, ବରଂ ବ୍ୟବହାରିକ ଓ ବାହ୍ୟ ଜ୍ଞାନର ବିକାଶ ପାଇଁ ଟିକାବାଲି ସ୍ଥିତ ସରକାରୀ ପିଏମ୍ ଶ୍ରୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଏକ ନିଆରା ପ୍ରୟାସ କରାଯାଇଛି। ବିଦ୍ୟାଳୟ ପରିସରରେ "ବ୍ୟାଗ୍-ଲେସ୍ ଡେ' ବା "ବସ୍ତାନି ମୁକ୍ତ ଦିବସ' ଅବସରରେ ପ୍ରାଥମିକ ବିଭାଗର ଛାତ୍ରଛାତ୍ରୀଙ୍କୁ ପାରମ୍ପରିକ ଶ୍ରେଣୀ ଗୃହ ଶିକ୍ଷା ବଦଳରେ ଭୌତିକ ଶିକ୍ଷା ପ୍ରଦାନ କରାଯାଇଛି। ଟିକାବାଲିର ସାପ୍ତାହିକ ହାଟ ହୋଇଥିବାରୁ, ଏହାର ସୁଯୋଗ ନେଇ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀ ଛାତ୍ରଛାତ୍ରୀଙ୍କୁ ହାଟ ପରିଭ୍ରମଣରେ ନେଇଥିଲେ। ସେଠାରେ ଦୈନନ୍ଦିନ ଜୀବନରେ ବ୍ୟବହୃତ ହେଉଥିବା ଜିନିଷପତ୍ରର କିଣାବିକା ପ୍ରକ୍ରିୟା, ମାପଚୁପ ଏବଂ ବ୍ୟବସାୟିକ କାରବାର ସମ୍ପର୍କରେ ପିଲାଙ୍କୁ ପ୍ରତ୍ୟକ୍ଷ ଅନୁଭୂତି ମାଧ୍ୟମରେ ଶିକ୍ଷା ଦିଆଯାଇଥିଲା। ଏ ସମ୍ପର୍କରେ ସୂଚନା ଦେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କାମରାଜ କହଁର କହିଛନ୍ତି ଯେ,ଶିକ୍ଷା କେବଳ ବହି ଭିତରେ ସୀମିତ ରହିବା ଉଚିତ ନୁହେଁ। ଆଗାମୀ ଦିନରେ ବ୍ୟାଗ୍-ଲେସ୍ ଡେ ଅବସରରେ ଛାତ୍ରଛାତ୍ରୀଙ୍କୁ ଅଞ୍ଚଳର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଭ୍ରମଣ କରାଇ ସେମାନଙ୍କୁ ବାହ୍ୟ ଜ୍ଞାନରେ ସମୃଦ୍ଧ କରାଯିବାର ଯୋଜନା ରହିଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଭିଭାବକ ସହଯୋଗ କରିଥିଲେ।

## ● ଟିକାବାଲିରେ ସରକାରୀ ସମ୍ପତ୍ତିର ହେଉନି ରକ୍ଷଣାବେକ୍ଷଣ

# ଅଳିଆ ଗଦା ପାଲଟିଛି ପୁରୁଣା ଆର୍‌ଆଇ କାର୍ଯ୍ୟାଳୟ

ଟିକାବାଲି,୮।୩(ସମିସ)



ଗୋଟିଏ ପଟେ ରାଜ୍ୟ ସରକାର ସରକାରୀ ସମ୍ପତ୍ତିର ସୁରକ୍ଷା ଓ ଭିତ୍ତିଭୂମିର ବିକାଶ ପାଇଁ କୋଟି କୋଟି ଟଙ୍କା ବ୍ୟୟ ବରାଦ କରୁଥିବା ବେଳେ କନ୍ଧମାଳ ଜିଲ୍ଲା ଟିକାବାଲି ବ୍ଲକରେ କିପରି ବିଭାଗୀୟ ଉଦାସୀନତାରୁ ଏହା ବାଟବଣା ହୋଇଛି ଦେଖିବାକୁ ମିଳିଛି। ଟିକାବାଲି ବଜାର ସ୍ଥିତ ଦୁର୍ଗାମଣ୍ଡପ ନିକଟରେ ଥିବା ପୁରୁଣା ରାଜସ୍ୱ ନିରୀକ୍ଷକ (ଆର୍‌ଆଇ)ଙ୍କ କାର୍ଯ୍ୟାଳୟ ଏବେ ସମ୍ପୂର୍ଣ୍ଣ ପରିତ୍ୟକ୍ତ ଓ ଅବହେଳିତ ଅବସ୍ଥାରେ ପଡ଼ିରହିଛି। ରକ୍ଷଣାବେକ୍ଷଣ ଅଭାବରୁ ଏହି କୋଠା ଏବେ ଅସାମାଜିକ ବ୍ୟକ୍ତିଙ୍କ ପରିସ୍ରାଗାର ସାଜିବା ସହ ଏକ ବଡ଼ ଧରଣର ଆବର୍ଜନା କୁଣ୍ଡରେ ପରିଣତ ହୋଇଛି।

ସୂଚନା ଅନୁଯାୟୀ, ଦୀର୍ଘବର୍ଷ ଧରି ଏହି କାର୍ଯ୍ୟାଳୟ ବ୍ୟବହାର ନହେବା ଫଳରେ ଏହାର ଚର୍ତୁପାଶ୍ୱର୍ରେ କୁଢ଼ କୁଢ଼ ପ୍ଲାଷ୍ଟିକ୍ ଗ୍ଲାସ, ପ୍ଲେଟ୍ ଏବଂ ବ୍ୟବହୃତ ଅଳିଆ ଆବର୍ଜନା ଜମା ହୋଇରହିଛି। ବିଶେଷ କରି ବଜାର ଅଞ୍ଚଳ ଓ ଦୁର୍ଗାମଣ୍ଡପ ଭଳି ଏକ ସମ୍ବେଦନଶୀଳ ସ୍ଥାନ ପାଖରେ ଏଭଳି ଅପରିଷ୍କାର ପରିବେଶ ସ୍ଥାନୀୟ ବାସିନ୍ଦା ଓ ବ୍ୟବସାୟୀଙ୍କ ପାଇଁ ଦୁର୍ଗନ୍ଧର କାରଣ ସାଜିଛି। କୋଠାର କାନ୍ଥଗୁଡ଼ିକ ଏବେ ଦୁର୍ବଳ ହେବା ଆରମ୍ଭ କଲାଣି ଏବଂ ଚାରିପଟେ ଅନାବନା ଗଛଲତା ମାଡ଼ି ଯିବା ଫଳରେ ଏହା ଏକ ଭୂତକୋଠି ଭଳି ଭୟଙ୍କର ଦୃଶ୍ୟ ସୃଷ୍ଟି କରୁଛି। ଜନସାଧାରଣଙ୍କ ଟିକସ ପଇସାରେ ନିର୍ମିତ ଏହି ସରକାରୀ ସମ୍ପତ୍ତିର କୌଣସି ବି ବିକଳ୍ପ ବ୍ୟବହାର କରାଯାଉ ନଥିବାରୁ ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଯଦି ଏହି କୋଠାକୁ ସଂସ୍କାର କରି ଅନ୍ୟ କୌଣସି ସରକାରୀ ବିଭାଗର କାର୍ଯ୍ୟାଳୟ କିମ୍ବା ପାଠାଗାର ଭଳି କାର୍ଯ୍ୟରେ ବ୍ୟବହାର କରାଯାନ୍ତା। ଏହା ସରକାରଙ୍କ ପାଇଁ ଏକ ସମ୍ପତ୍ତି ଭାବେ କାର୍ଯ୍ୟ କରିପାରନ୍ତା। ମାତ୍ର ବିଭାଗୀୟ ଉଦାସୀନତା ଯୋଗୁଁ କୋଠା ଦିନକୁ ଦିନ ମାଟିରେ ମିଶିବାକୁ ବସିଛି। ସରକାରୀ ସମ୍ପତ୍ତିକୁ ଏଭଳି ନଷ୍ଟ ନକରି ଏହାକୁ ତୁରନ୍ତ ସଫା କରାଯିବା ସହ ବ୍ୟବହାର ଉପଯୋଗୀ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ବିଭିନ୍ନ ସମୟରେ ଏହି ସ୍ଥାନରେ ଅଳିଆ ପକାଯାଉଥିବାରୁ ପରିବେଶ ପ୍ରଦୂଷିତ ହେଉଛି। ତେଣୁ ରାଜସ୍ୱ ବିଭାଗ ଓ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ କୋଠାର ପୁନରୁଦ୍ଧାର ପାଇଁ ଦାବି ହେଉଛି।

# ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ













ବ୍ରହ୍ମପୁର,୮ ।୩(ସମିସ)

ସହରର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନ ଗୁଡ଼ିକ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଜରିଆରେ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ମହିଳାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ସହ ବର୍ତ୍ତମାନ ସମୟରେ ସମାଜରେ ନାରୀର ଭୂମିକା, ଅବଦାନ ଓ ଗୁରୁତ୍ୱ ସମ୍ପର୍କରେ ଉପସ୍ଥିତ ଅତିଥିମାନେ ନିଜ ମତ ରଖିଥିଲେ।

ଗେଟବଜାର ସ୍ଥିତ ଏନଜିଓ ହଲ୍‌ଠାରେ ସର୍ବଭାରତୀୟ ଶ୍ରମିକ ସଂଗଠନ ଆଇଏଫ୍‌ଟିୟୁ ପକ୍ଷରୁ ଶ୍ରମଜୀବୀ ମହିଳାଙ୍କୁ ନେଇ ଆର୍ନ୍ତଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଆଇଏଫ୍‌ଟିୟୁର ରାଜ୍ୟ କମିଟି ସଦସ୍ୟା ସଂଯୁକ୍ତା ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶିଷ୍ଟ ପ୍ରଗତିଶୀଳ ଲେଖିକା ଡ. ବିଧୂପ୍ରଭା ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବର୍ତ୍ତମାନର ସମାଜକୁ ପୁରୁଷତାନ୍ତ୍ରିକ ବୋଲି କହିବା ସହ ସମସ୍ତ ପ୍ରକାରର ଲିଙ୍ଗଗତ ଭେଦଭାବ ଓ ହିଂସାର ବିରୋଧ କରିବାକୁ ଡାକରା ଦେଇଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ନିଷ୍ପତି ଏବଂ ଯୋଜନାକୁ ନେଇ ସମାଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌର କର୍ମଚାରୀ ନେତ୍ରୀ ବବିତା ପାଢ଼ୀ, ମେଡିକାଲ କର୍ମଚାରୀ ନେତ୍ରୀ ରାଧିକା ବିଷୋୟୀ ଓ ସଫେଇ କର୍ମଚାରୀ ନେତ୍ରୀ ନମିତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ସ୍ଥାନୀୟ ଗିରି ମାର୍କେଟ ଛକ ସ୍ଥିତ ପ୍ରକାଶମ୍ ହଲ୍ ଆନ୍ଧ୍ର ଭାଷା ବିବର୍ଦ୍ଧନୀ ସମାଜମ୍ ସଭା ପ୍ରକୋଷ୍ଠ ଗଞ୍ଜାମ ଜିଲ୍ଲା ବରିଷ୍ଠ କଳାକାର ସଂଘ ପକ୍ଷରୁ ଏହି ଦିବସ ପାଳିତ କରାଯାଇଛି। ସଂଘ ସଭାପତି ସୀମାନ୍ତ ନଟରାଜ ଡ. ତିରୁପତି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ସଂସ୍କୃତି ଅଧିକାରୀ ଅଦିତି ଆଚାର୍ଯ୍ୟ ଉଦଘାଟକ ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ମୁଖ୍ୟ ବକ୍ତା ବରିଷ୍ଠ ସାରସ୍ୱତ ସାଧକ ଡ. ବିଧୁପ୍ରଭା ରଥ ଓ ସମ୍ମାନିତ ଅତିଥି ଭାବେ ବରିଷ୍ଠ ଶିକ୍ଷାବିତ୍ ମୃତ୍ୟୁଞ୍ଜୟ ତ୍ରିପାଠୀ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ଦୂର୍ଗା ପ୍ରସାଦ ଆଚାର୍ଯ୍ୟ, ସମ୍ପାଦକ ସୁବାସ ଚନ୍ଦ୍ର ସାହୁ, ସୁଦାମ ପଟ୍ଟନାୟକ, କଳାପ୍ରାଣ କୈଳାସ ପାଣିଗ୍ରାହୀ, ଚିତ୍ତ ରଂଜନ ଦଳେଇ, ମହେନ୍ଦ୍ର କୁମାର ସାହୁ,ଶଙ୍କର୍ଷଣ ସାବତ, ଅଶୋକ ପାତ୍ର, ବଳଦେବ ସାହୁ ଓ ଗୀତା ସ୍ୱାଇଁ, ଛବି ରାଣୀ ମହାନ୍ତି ଓ ବେବି ହାଲଦାର ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଉତ୍କଳ ଆଶ୍ରମରେ ଅନ୍ୱେଷା କଳାକେନ୍ଦ୍ର ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। କେନ୍ଦ୍ରର ମୁଖ୍ୟ ପରିଚାଳିକା ଉଷାରାଣୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ମୁଖ୍ୟବକ୍ତା ଜିଲ୍ଲା ବିଜେପି



## ସମ୍ମାନିତ ହେଲେ ବହୁ ପ୍ରତିଭାଧାରୀ ମହିଳା

ସଭାପତି ସରୋଜ ସାବତ, ସମ୍ମାନୀତ ଅତିଥି ଭାବେ ଅବସର ପ୍ରାପ୍ତ ଅଧ୍ୟକ୍ଷା ଡ. ସଙ୍ଗୀତା ବାବୁ, ଯତୀନ ବିଷୋୟୀ ଓ ଲୋକ ସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ରାଜେନ୍ଦ୍ର କୁମାର ଜେନା ପ୍ରମୁଖ ଯୋଗ ଦେଇଥିଲେ। ନିଷ୍ଟ ବିଶ୍ୱବିଦ୍ୟାଳୟ ପରିସରରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ବିଶ୍ୱବିଦ୍ୟାଳୟର ଏକାଡେମିକ ଡିନ ପି. ରାଜେଶ କୁମାର ଯୋଗ ଦେଇଥିଲେ। ପ୍ୟାନେଲିଷ୍ଟ ଭାବେ ଡ. ଆକାଂଖ୍ୟା ପଟ୍ଟନାୟକ, ଆଲୁମିନି ବିଙ୍ଗ କମାଣ୍ଡର ରୀନା ସାହୁ, ଛାତ୍ର ପ୍ରତିନିଧି ଏମ. ପବିତ୍ରା ଯୋଗ ଦେଇଥିଲେ। ଏ ଅବସରରେ ବିଭିନ୍ନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିବା ବେଳେ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ବୈଦ୍ୟୁତିକ ବିଭାଗ ମୁଖ୍ୟ ଡ଼. ସସ୍ମିତା ପାଢ଼ୀ, ଡ଼. ହରିକୃଷ୍ଣ ଗନ୍ତାୟତ, ଡ଼. ପ୍ରୀତି ରଞ୍ଜନ ସାହୁ, ଡ. ପ୍ରଦୀପ ଜେନା, ମିଟୁ ବରାଳ ଓ ସୌମ୍ୟା ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଧର୍ମନଗର ସ୍ଥିତ ରୋଟାରୀ କମ୍ୟୁନିଟି ହଲରେ ରୋଟାରୀ କ୍ଲବ ଅଫ ବ୍ରହ୍ମପୁର ଇଷ୍ଟ ଓ ଇନର ହ୍ୱିଲ କ୍ଲବ ଅଫ ବ୍ରହ୍ମପୁର ଇଷ୍ଟର ମିଳିତ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଯାଇଛି। ରୋଟାରୀ ଇଷ୍ଟର ସଭାପତି ଡ. ପ୍ରଦୀପ୍ତ କୁମାର ପଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଇନର ହ୍ୱିଲ କ୍ଲବର ସଭାନେତ୍ରୀ ଅନ୍ନପୂର୍ଣ୍ଣା ବେହେରା, କ୍ଲବର ପୂର୍ବତନ ସଭାପତି କାମରଜୁ ମହାରଣା, ପୂର୍ବତନ ସଭାପତି ଗଦାଧର ରାଉଳ, ଆଗାମୀ ବର୍ଷର ସଭାପତି ହୃଷିକେଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଇଷ୍ଟର ସମ୍ପାଦକ ଅଶ୍ୱିନୀ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ସ୍ଥାନୀୟ ସହୀଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲଠାରେ ଗଣତାନ୍ତ୍ରିକ ମହିଳା ସମିତି ଓ ବ୍ରହ୍ମପୁର ଶ୍ରମିକ କର୍ମଚାରୀ ସମନ୍ୱୟ ସେମିତି ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠିତ ଆଲୋଚନା ସଭାରେ ସଭାରେ ଅଧ୍ୟାପିକା ଅନିତା ପାଣି, ଅଧ୍ୟାପିକା ସାନ୍ଧ୍ୟାରାଣୀ ବେହେରା, ଅଧ୍ୟାପିକା ନମିତା ମହାପାତ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଆରତି ଶତପଥୀ, ଲେଖିକା ବିଧୁ ପ୍ରଭା ରଥ, ପ୍ରତିଭା କୁମାରୀ ପାତ୍ର, ରଞ୍ଜୁବାଳା ସାହୁ ଓ ବିଷ୍ଣୁ ପ୍ରିୟା ସାହୁ ପ୍ରମୁଖ ଉପସ୍ଥିତ ରହି ସାମାଜିକ, ଆର୍ଥିକ ଓ ରାଜନୈତିକ କ୍ଷେତ୍ରରେ ମହିଳାମାନେ ନିଷ୍ପେସିତ ଓ ଅବହେଳିତ ହୋଇ ଆସିଛନ୍ତି ବୋଲି ବକ୍ତବ୍ୟ ରଖିଥିଲେ। ସଂଗଠନ ପକ୍ଷରୁ ବିଶିଷ୍ଟ ଚିକିତ୍ସାବିତ ତଥା ସ୍ତ୍ରୀରୋଗ ବିଶେଷଜ୍ଞ କେ. ଲକ୍ଷ୍ମୀ ବାଇଙ୍କୁ ସମ୍ବର୍ଦ୍ଧନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଣତାନ୍ତ୍ରିକ ମହିଳା ସମିତିର ସଭାନେତ୍ରୀ ମିନତୀ ସ୍ୱାଇଁ, ଯୁଧିଷ୍ଠିର ବେହେରା, ପ୍ରତିଭା ବ୍ରହ୍ମା, ବିଷ୍ଣୁ ପ୍ରିୟା ସାହୁ, ପ୍ରତାପ ଚୌଧୁରୀ, ଶିବ ପ୍ରସାଦ ମହାପାତ୍ର, ସୁବୋଧ ସାହୁ, ଈଶ୍ୱର ରାଓ ଓ ନୀଳ ମାଧବ ରଥ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ସହରର ଅନ୍ୟତମ ବାଣିଜ୍ୟକ ଅନୁଷ୍ଠାନ ସିଏମଆର ସଫି ମଲ୍ ପକ୍ଷରୁ ମହିଳା ଦିବସ ପାଳିତ ହୋଇଯାଇଛି। ମହିଳାମାନଙ୍କ ସ୍ୱିକୃତି ଓ କର୍ମପ୍ରତିବଦ୍ଧତାକୁ ସମ୍ମାନ ପ୍ରଦାନ କରାଯାଇଥିଲା। ମାନବ ସମ୍ବଳ ଦୃଷ୍ଟିକୋଣରୁ ସର୍ବାଧିକ ପ୍ରାଥମିକତା ସହିତ ଲିଙ୍ଗଗତ ସମାନତା ଏବଂ ସୁରକ୍ଷିତ କାର୍ଯ୍ୟ ଓ ପରିବେଶ ଉପରେ ଦୃଷ୍ଟି ଦିଆଯାଉଥିବା ଏଠାରେ କୁହାଯାଇଥିଲା। କାର୍ଯ୍ୟକ୍ରମରେ ଷ୍ଟୋର ପରିଚାଳକ ସୀମାଞ୍ଚଳ ମହାରଣା, ସତୀଶ କୁମାର ଗିରି, ପ୍ରେମ ପ୍ରସାଦ ଦୋରା ପ୍ରମୁଖ ଉପସ୍ଥିତ ରହି ମହିଳା ଦିବସର ତାତ୍ପର୍ଯ୍ୟ ବର୍ଣ୍ଣନା କରିଥିଲେ।

# ଆଇଟିଆଇ ଫୁଲବାଣୀରେ ଆନ୍ତର୍ଜାତିକ ମହିଳା ଦିବସ



ଫୁଲବାଣୀ, ୮ ।୩(ସମିସ): ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ଫୁଲବାଣୀ ସ୍ଥିତ ସରକାରୀ ଶିଳ୍ପ ତାଲିମ୍ ଅନୁଷ୍ଠାନ ପରିସରରେ ଜିଲ୍ଲା ଆଇନ ସେବା କର୍ତ୍ତୃପକ୍ଷ (ଡିଏଲ୍‌ଏସ୍‌ଏ) ପକ୍ଷରୁ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମହିଳାଙ୍କ ଅଧିକାର, ସୁରକ୍ଷା ଓ ବିଭିନ୍ନ ଆଇନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆରମ୍ଭରେ ଡି.ଏଲ୍.ଏସ୍.ଏ. ଫୁଲବାଣୀର ସଚିବଙ୍କ ଦ୍ୱାରା ସ୍ୱାଗତ ଭାଷଣ ପ୍ରଦାନ କରାଯାଇଥିଲା। ପରେ ବିଭିନ୍ନ ବିଷୟରେ ଅତିଥିମାନେ ମହିଳା ସମ୍ବନ୍ଧୀୟ ଆଇନ ଓ ସୁରକ୍ଷା ବିଷୟରେ ତଥ୍ୟବହୁଳ ଆଲୋଚନା କରିଥିଲେ। ଅଧିବକ୍ତା ବିଜୟ କୁମାର ମହାନ୍ତି ପି.ଡବ୍ଲୁ. ଡି.ଭି ଆକ୍ଟ ବିଷୟରେ ମହିଳାଙ୍କୁ ଘରୋଇ ହିଂସାରୁ ସୁରକ୍ଷା ଦେବାକୁ ଥିବା ଆଇନ ସମ୍ପର୍କରେ କହିଥିଲେ। ସହାୟକ ଆଇନ ସହାୟତା ଡିଫେନ୍ସ କାଉନ୍ସେଲ ଶୁଭଙ୍ଗୀ ହରିତାସ୍ୟ କାର୍ଯ୍ୟସ୍ଥଳରେ ମହିଳାଙ୍କ ସହ ହୋଇଥିବା ଯୌନ ଉତ୍ପୀଡ଼ନ ବିଷୟରେ ଆଇନ ଓ ତାହାର ପ୍ରତିକାର ସମ୍ପର୍କରେ ଆଲୋଚନା କରିଥିଲେ। ଏସ୍‌ଡିଜେଏମ୍ ସୌମ୍ୟ ସୋନାଲିକା ପିସି ଏଣ୍ଡ ପିଏନ୍‌ଡିସି ଆକ୍ଟ ବିଷୟରେ ସଚେତନ କରିଥିଲେ। ଏହା ସହ ଚିଫ୍ ଜୁଡ଼ିସିଆଲ ମାଜିଷ୍ଟ୍ରେଟ ବନାଲୀ ତ୍ରିପାଠୀ ପୋକ୍‌ସୋ ଆକ୍ଟ ଓ ଭିକ୍ଟିମ୍ କମ୍ପେନ୍ସେସନ ସ୍କିମ୍ ବିଷୟରେ ଆଲୋଚନା କରିଥିଲେ। ଫେମିଲି କୋର୍ଟ ନ୍ୟାୟାଧୀଶ ରୂପାଶ୍ରୀ ଚୌଧୁରୀ ଆନ୍ତର୍ଜାତିକ ମହିଳା ଦିବସର ଇତିହାସ ଓ ମହିଳା ସୁରକ୍ଷା ସମ୍ପର୍କରେ ତଥ୍ୟ ଦେଇଥିଲେ। ବିଶେଷ ଅତିଥି ଭାବେ ଯୋଗଦେଇଥିବା ସ୍ପେସିଆଲ୍ ଜର୍ଜ (ଭିଜିଲାନ୍ସ) ରାଜେଶ ଦାଶ। ଜିଲ୍ଲା ଓ ଅଧିବେଶନ ନ୍ୟାୟାଧୀଶ ରାମ ଶଙ୍କର ହୋତା ଆଇଟିଆଇ ଶିକ୍ଷାର୍ଥୀମାନଙ୍କ ସହ ଆଲୋଚନା କରି ପ୍ରତ୍ୟେକ ମହିଳାଙ୍କର ସମ୍ମାନ ସହିତ ବଞ୍ଚିବାର ଅଧିକାର ଅଛି ବୋଲି କହିଥିଲେ।

ଏହି ଅବସରରେ ବିଭିନ୍ନ ସରକାରୀ ଯୋଜନାର ଲାଭାନ୍ୱିତମାନଙ୍କୁ ନଗଦ ଗିଫ୍ଟ କାର୍ଡ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ନ୍ୟାୟାଧୀଶ ରାମ ଶଙ୍କର ହୋତା, ଫ୍ୟାମିଲି କୋର୍ଟ ନ୍ୟାୟାଧୀଶ ରୂପାଶ୍ରୀ ଚୌଧୁରୀ, ସ୍ପେଶିଆଲ ଜଜ ରାଜେଶ ଦାଶ, ଆଡ୍‌ହୋକ୍ ଏଡିଜେ କୈଳାଶ ଚନ୍ଦ୍ର ସ୍ୱାଇଁ, ସିଜେଏମ୍ ବନାଲୀ ତ୍ରିପାଠୀ, ରେଜିଷ୍ଟ୍ରାର ପ୍ରିୟରଞ୍ଜନ ଓଝା, ସିଭିଲ୍ ଜଜ ବିଶ୍ୱକଲ୍ୟାଣୀ ମିଶ୍ର, ଏସ.ଡି. ଜେ.ଏମ୍. ସୌମ୍ୟା ସୋନାଲିକା, ଜ୍ୟେଷ୍ଠ ଅଧିବକ୍ତା ବିଜୟ କୁମାର ମହାନ୍ତି ସମେତ ଅନେକ ଆଇନ ବିଶେଷଜ୍ଞ ଓ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ଏହା ସହ ଶିଳ୍ପ ତାଲିମ ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଦୀପ କୁମାର ସାହୁଙ୍କ ସମେତ ଅନୁଷ୍ଠାନର କର୍ମଚାରୀ ଉପସ୍ଥିତ ଥିଲେ।

● ଅନ୍ତର୍ଜାତୀୟ ମହିଳା ଦିବସ

# ତୃତୀୟ ଦିନରେ ମାରାଥନ୍



ପାରଳାଖେମୁଣ୍ଡି,୮ ।୩ (ସମିସ): ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ତିନିଦିନ ଧରି ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଛି। ଆଜି ତୃତୀୟ ତଥା ଶେଷ ଦିନ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ ମାଝୀ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବରେ ଉପଖଣ୍ଡ ପୁଲିସ ଅଧିକାରୀ ମାଧାନନ୍ଦ ନାୟକ, ସହକାରୀ ଜିଲ୍ଲାପାଳ ତଥା ଜିଲ୍ଲା କ୍ରୀଡ଼ା ଅଧିକାରୀ ତ୍ରିନାଥ ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ, ଓଡ଼ିଶା ଜୀବିକା ମିଶନର ଜିଲ୍ଲା ପ୍ରକଳ୍ପ ପରିଚାଳକ ଟିମନ ବାରା ପ୍ରମୁଖ ମଞ୍ଚାସୀନ ଥିଲେ। “ଶକ୍ତିର ଗତି, ରାଷ୍ଟ୍ରର ପ୍ରଗତି’ କାର୍ଯ୍ୟକ୍ରମ ଅବସରରେ ଶାରୀରିକ ଫିଟନେସ୍ ରଖିବା ସହ ମାରାଥନ୍ ଦୌଡ଼ ମହାରାଜା ରାଜପ୍ରସାଦ ଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଦୌଡ଼ କରାଯାଇଥିଲା। ପରେ ପରେ ଉପସ୍ଥିତ ଥିବା ସମସ୍ତ ମହିଳା ଓ ଛାତ୍ରୀମାନଙ୍କୁ ନିଜର ସୁରକ୍ଷା ନେତୃତ୍ୱ ଉପରେ ସଚେତନତା କରାଯାଇ ଆତ୍ମରକ୍ଷା ପ୍ରଦର୍ଶନ ଏବଂ ତାଲିମ ସମ୍ପର୍କରେ ସଚେତନତା କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ଶାରିରୀକ କ୍ରୀଡ଼ା ଅଧିକାରୀ ସୁରେନ୍ଦ୍ର କୁମାର ପାତ୍ରଙ୍କ ସମେତ ବିଭିନ୍ନ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ସହଯୋଗ କରିଥିଲେ।

# ରାଇକିଆରେ ଅନ୍ତର୍ଜାତୀୟ ମହିଳା ଦିବସ




ରାଇକିଆ,୮ ।୩(ସମିସ): ରାଇକିଆ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ରବିବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏଡବ୍ଲୁଓ ଇଣ୍ଟରନ୍ୟାସନାଲ ସହାୟତାରେ ମାଧ୍ୟମ ଫାଉଣ୍ଡେଶନ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ଶତାଧିକ ମହିଳା ରାଲିରେ ବାହାରି ପଞ୍ଚାୟତ ପରିକ୍ରମା କରିଥିଲେ। ଗୁମାମାହା ପଞ୍ଚାୟତରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଗୁମାମହା ସରପଞ୍ଚ ପ୍ରମିଳା ପ୍ରଧାନ ଯୋଗଦେଇ ଏହି ଦିବସ ପାଳନର ଉଦ୍ଦେଧଶ୍ୟ, ମହିଳାଙ୍କ ଅଧିକାର ଏବଂ ଦେଶର ବିକାଶରେ ମହିଳାଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟ ଅତିଥି ଭାବେ ଆଇସିଡିଏସ ସୁପରଭାଇଜର ବାସନ୍ତୀ ସେଠୀ, ଏଏସଆଇ ମାନସ ମାଝୀ, ଲକ୍ଷ୍ମଣ ଦିଗାଲ ଯୋଗ ଦେଇଥିଲେ। ଦଡ଼ିଙ୍ଗିଆ ପଞ୍ଚାୟତରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ସରପଞ୍ଚ ଅଶୋକ ପ୍ରଧାନ, ସାମାଜିକ କର୍ମୀ ମନୋଜ ଦିଗାଲ, ଜୀବିକା ମିଶନର ଜେମାମଣି ପ୍ରଧାନ ଯୋଗ ଦେଇଥିଲେ। ସୁଗଡବାଡି ପଞ୍ଚାୟତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରପଞ୍ଚ ସୁରଞ୍ଜନ ପ୍ରଧାନ ଯୋଗ ଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ମାଧ୍ୟମ ଫାଉଣ୍ଡେଶନର ପ୍ରୋଗ୍ରାମ ଅଫିସର ସଞ୍ଜୀବ କୁମାର ଖଣ୍ଡଗିରି , ସୌଭାଗ୍ୟ କୁମାର ମିଶ୍ର ଓ ବିଷ୍ଣୁ ଚରଣ ସାହୁ ପରିଚାଳନା କରିଥିଲେ।

## ଗୋଷ୍ଠୀ ସଂଘର୍ଷରେ ୫ ଆହତ; ଦୁଇ ଗୁରୁତର

ଆସିକା,୮ ।୩(ସମିସ): ଗଞ୍ଜାମ ଜିଲ୍ଲା କୋଟିନଡା ଥାନା ଅନ୍ତର୍ଗତ ମଣ୍ଟାପୋଡା ଗ୍ରାମର ମୋଚି ସାହିରେ ଗୋଷ୍ଠୀ ସଂଘର୍ଷ ଘଟିଛି। ଏକ ଶୁଦ୍ଧିକ୍ରିୟା ଭୋଜି ଚାଲିଥିବାବେଳେ ଗୋଟିଏ ଗୋଷ୍ଠୀର ୪ରୁ ଊର୍ଦ୍ଧ୍ୱ ଯୁବକ ଅନ୍ୟ ଗୋଷ୍ଠୀର ୨ଯୁବକଙ୍କୁ ଆକ୍ରମଣ କରିଛନ୍ତି। ଧାରୁଆ ଅସ୍ତ୍ରରେ ଜଣେ ଯୁବକଙ୍କ ବେକକୁ କାଟି ଦେଇଥିବାବେଳେ ଅନ୍ୟ ଜଣକ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଉଭୟ ଯୁବକଙ୍କୁ ଗୁରୁତର ଅବସ୍ଥାରେ ଆସିକା ଓ ପରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ଗୁରୁତର ଯୁବକ ହେଲେ ଦୁଇ ଭାଇ। ସାନଭାଇ ଅଭିନୟ ପ୍ରଧାନ ଓ ବଡ଼ଭାଇ ବିଚିତ୍ର ପ୍ରଧାନ।

ଘଟଣା ସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ଆକ୍ରମଣର କାରଣ ଜଣାପଡ଼ିନାହିଁ। ଅନ୍ୟପଟେ ପାଲଟା ଆକ୍ରମଣରେ ଅନ୍ୟ ଗୋଷ୍ଠୀର ତିନି ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ମୁକେଶ ପ୍ରଧାନ ତାଙ୍କ ଭଉଣୀ ଓ ମା।

## ଆଇନଜୀବୀଙ୍କ ଘର ଉପରକୁ ବୋମାମାଡ଼

ବ୍ରହ୍ମପୁର,୮ ।୩(ସମିସ): ବଡ଼ବଜାର ଥାନା ଶ୍ରୀରାମ ନଗର ଶାନ୍ତିମାର୍ଗ ଦ୍ୱିତୀୟ ଲାଇନ ଠାରେ ରହୁଥିବା ଆଇନଜୀବୀ ମହେଶ ତ୍ରିପାଠୀଙ୍କ ଘର ଉପରକୁ ଆଜି ରାତ୍ର ପ୍ରାୟ ସାଢେ ୧୦ରେ ବୋମାମାଡ଼ ହୋଇଛି। ଖବର ପାଇ ବଡ଼ବଜାର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନା ପ୍ରକାରେ, ରାତ୍ର ପ୍ରାୟ ସାଢେ ୧୦ରେ ଶାନ୍ତିମାର୍ଗ ଅଞ୍ଚଳରେ ରହୁଥିବା ଆଇନଜୀବୀ ମହେଶଙ୍କ ଘର ଉପରକୁ ୪ ରୁ ୫ ଜଣ ଦୁର୍ବୃତ୍ତ ୨ଟି ବୋମା ମାଡ଼ କରିବା ସହ ଖଣ୍ଡା ଧରି ଆତଙ୍କ ଖେଳାଇ ପଳାଇଥିଲେ। ଖବର ପାଇ ପୁଲିସ ପହଞ୍ଚି ତଦନ୍ତ କରିବା ସହ ସିସିଟିଭି ଫୁଟେଜ ଯାଞ୍ଚ କରି ଦୁର୍ବୃତ୍ତଙ୍କୁ ଚିହ୍ନଟ କରୁଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି। ବୋମାମାଡ଼ରେ ଆଇନଜୀବୀଙ୍କ ସ୍ତ୍ରୀ କମଲ କୁମାର ନାୟକ ଆହତ ହୋଇଥିବା ଜଣାପଡିଛି। ରିଙ୍କୁ ସାମଲ, ରୁଦ୍ର, ଅଶୋକ, ମେଣ୍ଟାଲ, ବିକି, ବବୁଲ, ବାଙ୍ଗେରାଙ୍କ ପ୍ରାୟ ୯ ଜଣ ଆଇନଜୀବୀଙ୍କ ଘର ପାଖକୁ ଯାଇ ଖଣ୍ଡାରେ ଆତଙ୍କ ଖେଳାଇ ବୋମାମାଡ଼ କରିଥିବା ଅଭିଯୋଗ ହୋଇଛି।

# ତାରାତାରିଣୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ




ପୁରୁଷୋତ୍ତମପୁର,୮ ।୩(ସମିସ): ପୁରୁଷୋତ୍ତମପୁର ତାରାତାରିଣୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କଲେଜ ପରିଚାଳନା କମିଟି ସଭାପତି ତଥା ଛତ୍ରପୁର ଉପଜିଲ୍ଲାପାଳ ଶୁଭାଶିଷ ବରାଳ ଯୋଗଦେଇ ଦେଶର ବିକାଶରେ ଯୁବଗୋଷ୍ଠୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ଅଜୟକୁମାର ତ୍ରିପାଠୀ ଯୋଗଦେଇ ନିଜର ଭବିଷ୍ୟତ ଉଜ୍ଜ୍ୱଳ ହେଲେ ଦେଶର ଉଜ୍ଜ୍ୱଳ ହେବ ଏଣୁ ପଥଭ୍ରଷ୍ଟ ନହୋଇ ନିଜେ ନିଜର ଭବିଷ୍ୟତ ଗଢ଼ିତୋଳିବା ଲାଗି ପାଞ୍ଚ ମାଙ୍କଡ଼ର କଥାକହି ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଅବସରପ୍ରାପ୍ତ ଅଧ୍ୟକ୍ଷ ଅରବିନ୍ଦ ପଣ୍ଡା, ଅଧ୍ୟାପକ ଡ. ରମେଶ ଚନ୍ଦ୍ର ସେନାପତି, ସୁଶାନ୍ତକୁମାର ସାହୁ, ଅଧ୍ୟାପିକା ଡ. ସନ୍ଧ୍ୟାରାଣୀ ପାତ୍ର, ଡ. ନମ୍ରତା ମିଶ୍ର, ମିନାକ୍ଷୀ ଦାଶ, ମୋନାଲିସା ମିଶ୍ର ଯୋଗଦେଇଥିଲେ। ଏହି ଅବସରରେ କଲେଜର ପୁରାତନ ଛାତ୍ରୀ ଆଇ.ଶାଳିନୀ ଓଏଫଏସ୍ ଅଫିସର ଭାବରେ ନିଯୁକ୍ତି ପାଇଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

